# ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କଲା ଯୁବୋଦୟ


ପ୍ରଜ୍ଞା ପରିମିତା ପଧାନ


ରଚିତ କୁମାର ପଧାନ


ପ୍ରଜ୍ଞା ପଣ୍ଡା


ଆୟୁଷ ମେହେର


ସ୍ୱପ୍ନିଲ କୁମାର ସାହୁ


ସୋନୁ ସାହୁ


ଶୁଭମ୍ ଅଂଶୁମାନ ପୁଟେଲ


ଭାରତୀ ରଥ


ନିକିତା ସ୍ୱାଇଁ


ଭୂୟସୀ ସାହୁ


ରୁଚିସ୍ମିତା ପଧାନ


ଶ୍ରୀତମ କୁମାର ପଣ୍ଡା


ଆୟୁଷ୍ମାନ ଭୋଇ

■ ୧୩ ଜଣ ଛାତ୍ରୀଛାତ୍ରଙ୍କୁ ୯୦ ପ୍ରତିଶତ ସଫଳତା
■ ପଶ୍ଚିମ ଓଡିଶାରେ ରେକର୍ଡ କଲା ଯୁବୋଦୟ

**ବଲାଙ୍ଗୀର,୨୬।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇବା ପରେ ପଶ୍ଚିମ ଓଡିଶାରେ ପୁଣି ବାଜି ମାରିଛନ୍ତି ବଲାଙ୍ଗୀରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର। ସମଗ୍ର ଓଡିଶାରେ ଶତ ପ୍ରତିଶତ ପାଶ୍ ହାର ରଖିଥିବା ମାତ୍ର ଅଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ଯୁବୋଦୟ ସ୍ଥାନ ପାଇଥିବା ଜଣାପଡିଛି। ଏହି ଶିକ୍ଷାନୁଷ୍ଠାନର ୧୩ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଯାହାକି ସମଗ୍ର ପଶ୍ଚିମ ଓଡିଶା ସ୍ତରରେ ସର୍ବାଧିକ ବୋଲି ଜଣାପଡିଛି। ଯୁବୋଦୟରୁ ୪୮୫ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୪୬୨ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୩ ଜଣ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଶିକ୍ଷାନୁଷ୍ଠାନରୁ ସର୍ବାଧିକ ପାଞ୍ଚ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ପ୍ରଥମ ୧୦ ର୍ୟାଙ୍କ ମଧ୍ୟରେ ରହିଥିବା ସୂଚନା ଦିଆଯାଇଛି। ଏହି କୃତୀ ଛାତ୍ରୀଛାତ୍ର ହେଲେ ପ୍ରଜ୍ଞା ପରିମିତା ପଧାନ (୫୬୦), ରଚିତ କୁମାରପଧାନ(୫୬୦),ଆୟୁଷମେହେର (୫୫୭), ପ୍ରଜ୍ଞା ପଣ୍ଡା (୫୫୭) ଓ ସ୍ୱପ୍ନିଲ କୁମାର ସାହୁ (୫୫୭)। ଅନ୍ୟମାନଙ୍କ ମଧ୍ୟରେ ସୋନୁ ସାହୁ (୫୫୦), ଶୁଭମ୍ ଅଂଶୁମାନ ପୁଟେଲ (୫୪୪), ଭାରତୀ ରଥ (୫୪୨), ନିକିତା ସ୍ୱାଇଁ (୫୪୦), ଭୂୟସୀ ସାହୁ (୫୪୦), ରୁଚିସ୍ମିତା ପଧାନ (୫୪୦), ଶ୍ରୀତମ କୁମାର ପଣ୍ଡା (୫୪୦) ଓ ଆୟୁଷ୍ମାନ ଭୋଇ (୫୪୦) ୯୦ ପ୍ରତିଶତରୁ ଅଧିକ ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି। ୮୦ ଜଣ ଛାତ୍ରୀଛାତ୍ର ୫୦୦ରୁ ଅଧିକ ମାର୍କ ରଖିବାର ଗୌରବ ଲାଭ କରିଛନ୍ତି। ଆୟୁଷ୍ମାନ ଭୋଇ, ପ୍ରଜ୍ଞା ପରିମିତା ପଧାନ, ମଞ୍ଜିତ ପଧାନ, ଆୟୁଷ ମେହେର, ଓମ୍ ପ୍ରକାଶ ସାହା, ଭୂୟସୀ ସାହୁ ଓ ପ୍ରଜ୍ଞା ପଣ୍ଡା, ସୁନୀଲ କୁମାର ସାହୁ ପଦାର୍ଥ ବିଜ୍ଞାନରେ ୧୦୦ ପ୍ରତିଶତ ମାର୍କ ରଖିଥିବା ବେଳେ ମଞ୍ଜିତ ପଧାନ, ପ୍ରଜ୍ଞା ପରିମିତା ପଧାନ ଓ ଆୟୁଷ୍ମାନ ଭୋଇ ରସାୟନ ବିଜ୍ଞାନରେ ଏବଂ ସ୍ୱପ୍ନିଲ କୁମାର ସାହୁ ଗଣିତରେ ମଧ୍ୟ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି । ପ୍ରଜ୍ଞା ପରିମିତା ପଧାନ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ୧୦୦ ପ୍ରତିଶତ ମାର୍କ ରଖି ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନର ୪୨ ଜଣ ଛାତ୍ରୀଛାତ୍ର ଜେଇଇ ମେନ୍ ପରୀକ୍ଷାରେ ୯୦ ପର୍ସେଣ୍ଟାଇଲରୁ ଅଧିକ ମାର୍କ ରଖି ଆଇଆଇଟି ତଥା ଏନଆଇଟି ଭଳି ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ବୈଷୟିକ ଶିକ୍ଷା ଗ୍ରହଣ କରିବାର ଆଶାକୁ ଉଜ୍ଜୀବିତ କରିଛନ୍ତି।

# ଲିପ୍ସା ସାହୁ ଟିଟିଲାଗଡ଼ ବ୍ଲକ ମାଟ୍ରିକ ଟପ୍ପର


ମା' ବାପାଙ୍କ ସହିତ ଲିପ୍ସା।

**ଟିଟିଲାଗଡ,୨୬।୫(ଶରତ ମିଶ୍ର)**

ରବିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ମହେଶ୍ୱର ହିନ୍ଦୀ ହାଇସ୍କୁଲର ଲିପ୍ସା ସାହୁ ବ୍ଲକରେ ଟପ୍ପର ହୋଇଛନ୍ତି। ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ କର୍ମଚାରୀ ତ୍ରିଲୋଚନ ସାହୁ ଏବଂ ସରିତା ସାହୁଙ୍କ ତିନି ସନ୍ତାନ ମଧ୍ୟରୁ ବଡ ଝିଅ ଲିପ୍ସା ଜଣେ ମେଧାବୀ ଛାତ୍ରୀ। ସେ ମୋଟ ୯୧.୫ ପ୍ରତିଶତ ମାର୍କ ରଖିଛନ୍ତ। ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ କଠିନ ପରିଶ୍ରମ କରିଥିବା କହିଛନ୍ତି। ଭବିଷ୍ୟତରେ ସିଭିଲ ସର୍ଭିସ ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି। ଏହି ସଫଳତା ପାଇଁ ଲିପ୍ସା ମାଆ ବାପା, ଅଜା ତୁଳସୀରାମ, ଆଈ ଶୋଭାଗିନୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀନା ନନ୍ଦ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସଫଳତା ନେଇ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ସହକାରୀ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ତଥା ସ୍ଥାନୀୟ ଶିକ୍ଷାବିତ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମାଟ୍ରିକ ପରୀକ୍ଷାରେ ଦୃଷ୍ଟି ବାଧିତ ଛାତ୍ରୀଙ୍କ ସଫଳତା

**ଲୋଇସିଂହା,୨୬।୫(ସୁଶାନ୍ତ ବାରିକ)**


ଭାଲୁକୁନି କର୍ମୀ ।

ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ଆଦିବାସୀ ହରିଜନ ହାଇସ୍କୁଲର ଦୃଷ୍ଟିବାଧିତ ଛାତ୍ରୀ ଭାଲୁକୁନି କର୍ମୀ। ସେ ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ଗ୍ରାମର ତୁଳସା କର୍ମୀ ଓ ବାପା ରାମ କର୍ମୀଙ୍କ ଝିଅ ଭାଲୁକୁନି କେଉଁଟିପାଲି ହାଇସ୍କୁଲରେ ପାଠ ପଢୁଥିଲେ। ଚଳିତବର୍ଷ ସେ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଛାତ୍ରୀ ଭାଲୁକୁନିଙ୍କ ଗାଇଡ ଶିକ୍ଷକ ଭାବେ ହିମାଂଶୁ ଷଡଙ୍ଗୀ ଥିଲେ। ପରୀକ୍ଷା ହଲ ରେ ସହାୟକ ଛାତ୍ର ଭାବେ ସୋଲକ ନନ୍ଦ ଉତ୍ତର ଲେଖିଥିଲେ। ରବିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଭାଲୁକୁନି ୨୧୨ ମାର୍କ ରଖି ଇ ଗ୍ରେଡରେ ପାସ୍ ହୋଇଛନ୍ତି। ଦୃଷ୍ଟିବାଧିତ ଛାତ୍ରୀଙ୍କ ସଫଳତାକୁ ନେଇ ଅଭିଭାବକ,ସ୍କୁଲ କର୍ତ୍ତୃପକ୍ଷ, ସହପାଠୀ ଓ ଛେଲବାହାଲ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# କେନ୍ଦୁପତ୍ର ତୋଳାଳିଙ୍କ ପରଲୋକ

**ଦେଓଗାଁ,୨୬।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗାଁର ଜଣେ ମହିଳା କେନ୍ଦୁପତ୍ର ତୋଳିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରି ମୃତ୍ୟୁବରଣ କରିବା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ ଅନୁସୂୟା ମହାନନ୍ଦ। ଶନିବାର ସକାଳେ ଅନୁସୂୟା ଓ ତାଙ୍କ ସ୍ୱାମୀ ଯୁଗଲାଲ ମହାନନ୍ଦ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ। ସେଠାରେ ସେ ଅତ୍ୟଧିକ ଗରମ ହେତୁ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ସ୍ୱାମୀ ଓ ସେଠାରେ ଥିବା ଅନ୍ୟ ମହିଳାମାନଙ୍କ ସହଯୋଗରେ ଘରକୁ ଅଣାଯାଇଥିଲା। ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ହରିଶଙ୍କରରେ ସଫେଇ କାର୍ଯ୍ୟକ୍ରମ


ହରିଶଙ୍କର ମାର୍କେଟ କମ୍ପ୍ଲେକ୍ସ ସଫେଇ କରାଯାଉଛି ।

**ଖପ୍ରାଖୋଲ,୨୬।୫(ଅଭୟ ତ୍ରିପାଠୀ)**

**ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ହେଲେ ସାମିଲ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ମାର୍କେଟ ପାଖ ରାସ୍ତା କଡ଼, ଲିଚୁ ବଗିଚା, ଡିଅର ପାର୍କ, ଏସଏମଇ ପାର୍କ ପାଖ ସ୍ଥାନ ଆଦି ସଫେଇ କରିବା ସହ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ। ଦୁଇ ଦିନ ତଳେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶେଷ ହୋଇଥିବା ବେଳେ ଲକ୍ଷାଧିକ ଲୋକଙ୍କ ଭିଡ଼ ହୋଇଥିଲା। ଶତାଧିକ ଦୋକାନ ବଜାର ବସିଥିଲା । ଫଳରେ ବିଭିନ୍ନ ବର୍ଜ୍ୟବସ୍ତୁ ପଡି ପରିବେଶ ପ୍ରଦୂଷିତ ହୋଇଥିଲା। ସଫେଇ କାର୍ଯ୍ୟକ୍ରମରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ହରିଶଙ୍କର ବାନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରେକେଟା, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସାମିଲ ହୋଇଥିଲେ । ଖପ୍ରାଖୋଲ ପ୍ରେସ କ୍ଲବ ସଦସ୍ୟ ଅଭୟ ତ୍ରିପାଠୀ, ତାପସ ବେହେରା, ଉମାକାନ୍ତ ପ୍ରଧାନ, ମନୋଜ ଦାସ, ସରୋଜ ମିଶ୍ର, ଭୋଜରାଜ ବରିହା, ସରୋଜ ସାହୁ, ସବ୍ କମିଟି ସଦସ୍ୟ କ୍ଷମାନିଧି ଭୋଇ , ଶତ୍ରୁଘ୍ନ ନାଏକ, ଗଜ ନାଗ, ବଳରାମ ବେହେରା, ପଞ୍ଚମ ପ୍ରଧାନ, ତୁଳା ବରିହାଙ୍କ ସମେତ ଦେବୋତ୍ତର କର୍ମଚାରୀ, ସ୍ୱେଚ୍ଛାସେବୀ ସଫେଇ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ। ସେହିପରି ଯୁବ କୁଲତା ସମାଜ ତରଫରୁ ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ଅନ୍ନଛତ୍ର ସ୍ଥଳୀ ସଫେଇ କରାଯାଇଥିଲା।

# ମାଟ୍ରିକ ପରୀକ୍ଷାରେ ୨ଛାତ୍ରୀଙ୍କ କୃତିତ୍ୱ


ଅଙ୍କିତା ମିଶ୍ର


ପ୍ରସିଦ୍ଧି ସିଂ ନିନା

**ଦେଓଗାଁ,୨୬।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମାଟ୍ରିକ ପରୀକ୍ଷାରେ ୨ଜଣ ଛାତ୍ରୀ ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ଏ ୱାନ ଗ୍ରେଡ୍‌ରେ ପାସ କରିଥିବା ଜଣାପଡିଛି । ଉଭୟ ଛାତ୍ରୀଙ୍କ କୃତିତ୍ୱରେ ବ୍ଲକ ଶିକ୍ଷାବିଭାଗ ତଥା ଶିକ୍ଷାପ୍ରେମୀ ମହଲରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ବ୍ଲକର ଧଣ୍ଡାମାଳ ସତ୍ୟବାଦୀ ହାଇସ୍କୁଲର ଛାତ୍ରୀ ତଥା ଉକ୍ତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜ କିଶୋର ମିଶ୍ରଙ୍କ ଝିଅ ଅଙ୍କିତା ମିଶ୍ର ୫୪୭ ନମ୍ବର ରଖି ଏ ୱାନ ଗ୍ରେଡ ରଖି ଉର୍ତ୍ତୀର୍ଣ୍ଣ ହୋଇଥିବା ବେଳେ ଉକ୍ତ ହାଇସ୍କୁଲର ଛାତ୍ରୀ ପ୍ରସିଦ୍ଧି ସିଂ ନିନା ୫୪୩ ନମ୍ବର ରଖି ଏ ୱାନ ଗ୍ରେଡରେ ପାସ କରିଛନ୍ତି । ସେ ପ୍ରମୋଦ ସିଂ ନିନାଙ୍କ ଝିଅ ଅଟନ୍ତି । ଏହି ସଫଳତାରେ ଉଭୟ ଛାତ୍ରୀ ନିଜର ପିତାମାତା ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

# ଲୋଇସିଂହା ବ୍ଲକ : ୭ ସ୍କୁଲରେ ଶତ ପ୍ରତିଶତ ପାସ୍ ହାର

**ଲୋଇସିଂହା,୨୬।୫(ସୁଶାନ୍ତ ବାରିକ)**

**ବୁର୍ଡା ପଞ୍ଚାୟତ ହାଇସ୍କୁଲର ଜଣେ ଛାତ୍ରୀ ଏ୧ ଗ୍ରେଡରେ ପାସ୍**

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି । ରାଜ୍ୟରେ ପାସ୍ ହାର ୯୬.୦୭ ରହିଥିବା ବେଳେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ପାସ୍ ହାର ୯୬.୩୬ ପ୍ରତିଶତ ରହିଛି। ବ୍ଲକର ବୁର୍ଡା, ଯୋଗୀସର୍ଡା, ବାଦିବାହାଲ, ଝାରମୁଣ୍ଡା, କୁଶଙ୍ଗ, ସରଗାଡ, ଲୋଇସିଂହା ହରେକୃଷ୍ଣ ମହତାବ ଆଦି ସ୍କୁଲ ପରୀକ୍ଷା ଫଳାଫଳ ଶତ ପ୍ରତିଶତ ରହିଛି । ବୁର୍ଡା ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଶ୍ରୁତି ପଧାନ ୯୧ ପ୍ରତିଶତ ମାର୍କ ରଖି ଏ୧ ଗ୍ରେଡରେ ପାସ୍ ହୋଇ ସ୍କୁଲର ଗୌରବ ବଢାଇଛନ୍ତି । ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ୩ ଜଣ ଛାତ୍ରୀ ଯଥା ପ୍ରତୀକ୍ଷା ରାଣୀ ପଧାନ ୫୫୧ ମାର୍କ, ତଲସା କିଷାନ ୫୫୦ ଓ ସିମରନ ସାହୁ ୫୪୨ ମାର୍କ ରଖି ଏ ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବୁର୍ଡା ପଞ୍ଚାୟତ ହାଇସ୍କୁଲର ୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଏବଂ ସମସ୍ତେ ପାସ୍ ହୋଇଛନ୍ତି । ଏ୧ରେ ଜଣେ,ଏ୨ ରେ ଜଣେ,ବି୧ରେ ଜଣେ, ବି୨ରେ ୪ ଜଣ, ସି ୧୧ ଜଣ, ଡି ୧୯ ଓ ଇରେ ୧୫ ଜଣ ପାସ୍ ହୋଇଛନ୍ତି। ସେହିପରି ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରୁ ୫୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ୫୧ ପାସ୍ ହୋଇଛନ୍ତି । ଏ୧, ଏ୨, ବି ୧, ବି୨ରେ କେହି ପାସ୍ ହୋଇ ନ ଥିବା ବେଳେ ସିରେ ୮, ଡିରେ ୨୪, ଇରେ ୧୯ ଜଣ ପାସ ହୋଇଛନ୍ତି। ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ୧୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୭ ପାସ କରିଛନ୍ତି । ବି ୧ରେ ଜଣେ, ବି୨ ୧୫, ସି ୩୬, ଇରେ ୧୫ ଜଣ ପାସ ହୋଇଛନ୍ତି। ବାଦିବାହାଲ ପଞ୍ଚାୟତ ହାଇସ୍କୁଲର ୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୨ ପାସ ହୋଇଛନ୍ତି । ଏ୧, ଏ୨ରେ କେହି ପାସ୍ ହୋଇ ନ ଥିବା ବେଳେ ବି ୧ରେ ୨, ବି ୨ ୫, ସି ୯ , ଡିରେ ୧୯ ଓ ଇ ଗ୍ରେଡ୍‌ରେ ୧୭ ଜଣ ପାସ ହୋଇଛନ୍ତି। ଝାରମୁଣ୍ଡା ହାଇସ୍କୁଲର ସମସ୍ତ ୭୫ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ବି୨ରେ ୪, ସି ୧୦, ଡିରେ ୩୭ ଜଣ ପାସ୍ ହୋଇଥିବା ଜଣାଯାଇଛି। ଲୋଇସିଂହା ବାଳିକା ବିଦ୍ୟାଳୟରେ ୧୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ଫେଲ୍ ହୋଇଛନ୍ତି । ବି ୧ ୩, ବି୨ ୭, ସି ୩୧, ଡି ୪୧, ଇ ୨୨ ଓ ଏଫରେ ୨ ଜଣ ପାସ ହୋଇଛନ୍ତି। କୁଶଙ୍ଗ ନୋଡାଲ ହାଇସ୍କୁଲରେ ୧୧୯ରୁ ୧୧୯ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ସରଗାଡ ସ୍କୁଲର ୪୮ରୁ ୪୮ ପରୀକ୍ଷାର୍ଥୀ ପାସ ହୋଇଥିବା ବେଳେ ଏ୨ ୧, ବି୧ ୧, ବି୨ ରେ ୩, ସି ୧୨, ଡି୧୬, ଇ ୧୩, ଏଫ ଗ୍ରେଡରେ ୨ ଜଣ ପାସ ହୋଇଛନ୍ତି । କେଉଁଟିପାଲି ହାଇସ୍କୁଲର ୨୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩ ଜଣ ପାସ ହୋଇଛନ୍ତି। ସେଥିମଧ୍ୟରେ ଜଣେ ଦିବ୍ୟାଙ୍ଗ ଛାତ୍ରୀ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ଲକର ୨୨ ହାଇସ୍କୁଲର ୧୧୯୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୧୬୭ ଜଣ ପାସ୍ ହୋଇଛନ୍ତି । ଏ୧ରେ ଜଣେ, ଏ୨ରେ ୪, ବି ୧ ରେ ୨୩, ବି ୨ରେ ୭୭, ସିରେ ୨୪୪, ଡିରେ ୪୨୭ ,ଇ ଗ୍ରେଡରେ ୩୯୧ ଜଣ ପାସ୍ ହୋଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ପ୍ରକାଶ କରିଛନ୍ତି ।

# ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ଶ୍ରୁତି, ସିମରନ

**ଲୋଇସିଂହା,୨୬।୫(ସୁଶାନ୍ତ ବାରିକ)**

**ବୁର୍ଡାର ୨ ଜଣ ଛାତ୍ରୀ ଏ୧ ଗ୍ରେଡ୍‌ରେ ପାସ୍**


ସିମରନ


ଶ୍ରୁତି

ରବିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମର ୨ ଜଣ ଛାତ୍ରୀ ଏ୧ ଗ୍ରେଡରେ ପାସ୍ ହୋଇଛନ୍ତି। ବୁର୍ଡା ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଶ୍ରୁତି ପଧାନ ୯୧. ୫ ପ୍ରତିଶତ ଓ ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସିମରନ ସାହୁ ୯୧ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ଦୁଇ ଛାତ୍ରୀଙ୍କ ସଫଳତାକୁ ନେଇ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ଅପରପକ୍ଷେ ଉଭୟ ଛାତ୍ରୀ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଶ୍ରୁତି ହେଉଛନ୍ତି ଫ୍ୟାନ୍ସି ବେପାରୀ ସନୁ ପଧାନ ଓ ସବିତା ପଧାନଙ୍କ ଏକମାତ୍ର ଝିଅ । ଶ୍ରୁତି ଗାଁ ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଥିବା ବେଳେ ୬୦୦ରୁ ୫୪୯ ମାର୍କ ରଖି ଖୁସି ବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି। ପରୀକ୍ଷାର ପ୍ରଥମ ଦିବସରେ ସାହତ୍ୟ ଥିବାରୁ ୧୦ ମାର୍କ କମି ଯାଇଥିବା ସେ କହିଛନ୍ତି। ପରୀକ୍ଷା ପାଇଁ ଦୈନିକ ୭ ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଏହି ସଫଳତା ପାଇଁ ସ୍କୁଲର ଶିକ୍ଷକ, ଟିଉସନ ଶିକ୍ଷକ ବିଘ୍ନରାଜ ଗଡୁଆ ଓ ଅଭିଭାବକଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରତିକୂଳ ପରିବେଶ ମଧ୍ୟରେ ଏହି ସଫଳତା ହାସଲ କରିଥିବାରୁ ଶ୍ରୁତିଙ୍କ ଘରକୁ ଯାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମେହେର, କିରାଣି ରମେଶ ସାହୁ ତାଙ୍କୁ ବଧାଇ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ବାପା ଉତ୍କଳ ସାହୁ ଓ ମା' ସୁଜାତା ସାହୁଙ୍କ ଏକମାତ୍ର ଝିଅ ସିମରନ ୫୪୨ ମାର୍କ ରଖିଛନ୍ତି । ପରିଶ୍ରମ ତୁଳନାରେ ତାଙ୍କର ମାର୍କ କମି ଯାଇଥିବା ସେ କହିଛନ୍ତି। ଭବିଷ୍ୟତରେ ଡାକ୍ତର ହେବାକୁ ତାଙ୍କ ଲକ୍ଷ୍ୟ ରହିଥିବା କହିଛନ୍ତି । ଶିଶୁ ମନ୍ଦିର ପକ୍ଷରୁ ଛାତ୍ରୀ ସିମରନଙ୍କୁ ଅଭିନନ୍ଦନ ଜଣାଯାଇଛି । ଶିକ୍ଷକ ଅଭାବ ସତ୍ତ୍ୱେ ବୁର୍ଡା ହାଇସ୍କୁଲର ଛାତ୍ରୀ ଶ୍ରୁତି ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଥିବାରୁ ତାଙ୍କୁ ଭେଟି ଅଭିନନ୍ଦନ ଜଣାଇବେ ବୋଲି ବିଇଓ ରୀନାକୁମାରୀ ବେହେରା କହିଛନ୍ତି।

# କ୍ଷତିଗ୍ରସ୍ତ ଦୋକାନୀ ଉପଜିଲାପାଳଙ୍କୁ ଭେଟିଲେ


କ୍ଷତିଗ୍ରସ୍ତ ଦୋକାନୀମାନେ ଉପଜିଲାପାଳଙ୍କୁ ଭେଟୁଛନ୍ତି ।

**ଟିଟିଲାଗଡ଼,୨୬।୫(ଶରତ ମିଶ୍ର)**

ଶନିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ୩୫ଟି ଦୋକାନ ଗୃହ ଭସ୍ମୀଭୂତ ହୋଇଯାଇଛି। ଏ ନେଇ ଦୋକାନୀମାନେ ଟିଟିଲାଗଡ଼ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କ୍ଷୟକ୍ଷତି ଆକଳନ ନେଇ ଅଦ୍ୟାବଧି ତହସିଲଦାର କିମ୍ବା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ନ ଥିବା ଜଣାଯାଇଛି । ଫଳରେ କ୍ଷତିଗ୍ରସ୍ତ ଦୋକାନୀ ଏମଡି ରହିମ, ଏମଡି ଆସିଫ, କିଶୋର ବଗର୍ତ୍ତୀ, ରାଜେଶ ବର୍ମା, ଜୁମନ ଖାନ, ନାରାୟଣ ବର୍ମା, ଅବଦୁଲ ୱାହୀଦ, ଇସ୍ତିହାକ ଖାନ, ଏମଡି ଅସଲମ, ଏମଡି ହଜରତ, ପରମେଶ୍ୱର ବେହେରା ପ୍ରମୁଖ ରବିବାର ପୂର୍ବାହ୍ନରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ସରକାରୀ ସହାୟତା ଦେବା ପାଇଁ ଗୁହାରି କରିଛନ୍ତି। ଅଗ୍ନିକାଣ୍ଡରେ କପଡା ଦୋକାନ, ଚପଲ, ବ୍ୟାଗ, ଚଷମା, ପନିପରିବା ଦୋକାନ ଆଦି ପୋଡିଯାଇଛି । ଦୋକାନୀମାନେ କିପରି ପରିବାର ଚଳାଇବେ ସେ ନେଇ ଚିନ୍ତାରେ ଅଛନ୍ତି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ଷତିଗ୍ରସ୍ତ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ଦୋକାନୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଏସପି ଖିଲାରୀ ବଲାଙ୍ଗୀର ଜିଲାପାଳ ତଥା ଟିଟିଲାଗଡ଼ ଉପଜିଲାପାଳଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି।

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କଲା ଯୁବୋଦୟ


ପ୍ରଜ୍ଞା ପରିମିତା ପଧାନ


ରଚିତ କୁମାର ପଧାନ


ପ୍ରଜ୍ଞା ପଣ୍ଡା


ଆୟୁଷ ମେହେର


ସ୍ୱପ୍ନିଲ କୁମାର ସାହୁ


ସୋନୁ ସାହୁ


ଶୁଭମ୍ ଅଂଶୁମାନ ପୁଟେଲ


ଭାରତୀ ରଥ


ନିକିତା ସ୍ୱାଇଁ


ଭୂୟସୀ ସାହୁ


ରୁଚିସ୍ମିତା ପଧାନ


ଶ୍ରୀତମ କୁମାର ପଣ୍ଡା


ଆୟୁଷ୍ମାନ ଭୋଇ

■ ୧୩ ଜଣ ଛାତ୍ରୀଛାତ୍ରଙ୍କୁ ୯୦ ପ୍ରତିଶତ ସଫଳତା

■ ପଶ୍ଚିମ ଓଡିଶାରେ ରେକର୍ଡ କଲା ଯୁବୋଦୟ

**ବଲାଙ୍ଗୀର,୨୬।୫(ବୀରେନ୍ଦ୍ର କୁମାର ଝାଙ୍କର)** ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇବା ପରେ ପଶ୍ଚିମ ଓଡିଶାରେ ପୁଣି ବାଜି ମାରିଛନ୍ତି ବଲାଙ୍ଗୀରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର । ସମଗ୍ର ଓଡିଶାରେ ଶତ ପ୍ରତିଶତ ପାଶ୍ ହାର ରଖିଥିବା ମାତ୍ର ଅଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ଯୁବୋଦୟ ସ୍ଥାନ ପାଇଥିବା ଜଣାପଡିଛି । ଏହି ଶିକ୍ଷାନୁଷ୍ଠାନର ୧୩ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ଯାହାକି ସମଗ୍ର ପଶ୍ଚିମ ଓଡିଶା ସ୍ତରରେ ସର୍ବାଧିକ ବୋଲି ଜଣାପଡିଛି । ଯୁବୋଦୟରୁ ୪୮୫ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିରୁ ୪୬୨ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୩ ଜଣ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଶିକ୍ଷାନୁଷ୍ଠାନରୁ ସର୍ବାଧିକ ପାଞ୍ଚ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ପ୍ରଥମ ୧୦ ର୍ୟାଙ୍କ ମଧ୍ୟରେ ରହିଥିବା ସୂଚନା ଦିଆଯାଇଛି । ଏହି କୃତୀ ଛାତ୍ରୀଛାତ୍ର ହେଲେ ପ୍ରଜ୍ଞା ପରିମିତା ପଧାନ (୫୬୦), ରଚିତ କୁମାର ପଧାନ (୫୬୦), ଆୟୁଷ ମେହେର (୫୫୭), ପ୍ରଜ୍ଞା ପଣ୍ଡା (୫୫୭) ଓ ସ୍ୱପ୍ନିଲ କୁମାର ସାହୁ (୫୫୭) । ଅନ୍ୟମାନଙ୍କ ମଧ୍ୟରେ ସୋନୁ ସାହୁ (୫୫୦), ଶୁଭମ୍ ଅଂଶୁମାନ ପୁଟେଲ (୫୪୪), ଭାରତୀ ରଥ (୫୪୨), ନିକିତା ସ୍ୱାଇଁ (୫୪୦), ଭୂୟସୀ ସାହୁ (୫୪୦), ରୁଚିସ୍ମିତା ପଧାନ (୫୪୦), ଶ୍ରୀତମ କୁମାର ପଣ୍ଡା (୫୪୦) ଓ ଆୟୁଷ୍ମାନ ଭୋଇ (୫୪୦) ୯୦ ପ୍ରତିଶତରୁ ଅଧିକ ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି । ୮୦ ଜଣ ଛାତ୍ରୀଛାତ୍ର ୫୦୦ରୁ ଅଧିକ ମାର୍କ ରଖିବାର ଗୌରବ ଲାଭ କରିଛନ୍ତି । ଆୟୁଷ୍ମାନ ଭୋଇ, ପ୍ରଜ୍ଞା ପରିମିତା ପଧାନ, ମଞ୍ଜିତ ପଧାନ, ଆୟୁଷ ମେହେର, ଓମ୍ ପ୍ରକାଶ ସାହା, ଭୂୟସୀ ସାହୁ ଓ ପ୍ରଜ୍ଞା ପଣ୍ଡା, ସୁନୀଲ କୁମାର ସାହୁ ପଦାର୍ଥ ବିଜ୍ଞାନରେ ୧୦୦ ପ୍ରତିଶତ ମାର୍କ ରଖିଥିବା ବେଳେ ମଞ୍ଜିତ ପଧାନ, ପ୍ରଜ୍ଞା ପରିମିତା ପଧାନ ଓ ଆୟୁଷ୍ମାନ ଭୋଇ ରସାୟନ ବିଜ୍ଞାନରେ ଏବଂ ସ୍ୱପ୍ନିଲ କୁମାର ସାହୁ ଗଣିତରେ ମଧ୍ୟ ୧୦୦ ପ୍ରତିଶତ ମାର୍କ ରଖିଛନ୍ତି । ପ୍ରଜ୍ଞା ପରିମିତା ପଧାନ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ୧୦୦ ପ୍ରତିଶତ ମାର୍କ ରଖି ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି । ଏହି ଶିକ୍ଷାନୁଷ୍ଠାନର ୪୨ ଜଣ ଛାତ୍ରୀଛାତ୍ର ଜେଇଇ ମେନ୍ ପରୀକ୍ଷାରେ ୯୦ ପର୍ସେଣ୍ଟାଇଲରୁ ଅଧିକ ମାର୍କ ରଖି ଆଇଆଇଟି ତଥା ଏନଆଇଟି ଭଳି ସୁନାମଧନ୍ୟ ଶିକ୍ଷାନୁଷ୍ଠାନରେ ବୈଷୟିକ ଶିକ୍ଷା ଗ୍ରହଣ କରିବାର ଆଶାକୁ ଉଜ୍ଜୀବିତ କରିଛନ୍ତି ।

## ଇନଟେକ ସୋନପୁର ଚ୍ୟାପ୍ଟରର ବାର୍ଷିକ ସମାବେଶ



ସମାବେଶରେ ଉପସ୍ଥିତ ଇନଟେକର କର୍ମକର୍ତ୍ତାମାନେ ।

**ସୋନପୁର,୨୬।୫(ମୃତ୍ୟୁଞ୍ଜୟ ଶତପଥୀ)** ଇନଟେକ ସୋନପୁର ଚ୍ୟାପ୍ଟରର ବାର୍ଷିକ ସମାବେଶ ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଚ୍ୟାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ବିଗତ ଦିନରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହ ଆଗାମୀ ସମୟର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଲୋକବାଦ୍ୟ ନିର୍ମାଣ କର୍ମଶାଳା, ଷୋହଳ ସୁଆଙ୍ଗ ଦଣ୍ଡନାଟର ବୃତ୍ତ ପ୍ରସ୍ତୁତି, ଗଞ୍ଜପା ପ୍ରସ୍ତୁତି କର୍ମଶାଳା ପରି କାର୍ଯ୍ୟକ୍ରମ ଆଗାମୀ ଦିନରେ କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ବୈଦ୍ୟନାଥର ଭଗ୍ନ କାଳେଶର ମନ୍ଦିର ପୁନଃ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବାକୁ ସଭାରେ ଆଲୋଚନା ହୋଇଥିଲା । ଇନଟେକ ସୋନପୁର ଚ୍ୟାପ୍ଟର ପାଇଁ ନୂତନ ସଭ୍ୟପଦ ଗ୍ରହଣ କରାଯିବାକୁ ମତପ୍ରକାଶ ପାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ଼ାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ଇଂ ସୁରେନ୍ଦ୍ର ମେହେର, ଗଦାଧର ବାରିକ, ଡ.ସନ୍ତୋଷ ପାଢ଼ୀ, ଡଃ. ମୀନକେତନ କୁମ୍ଭାର, ଡ. ରେଣୁକା ମିଶ୍ର, ଡଃ. ନାରାୟଣ ପ୍ରସାଦ ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଚ୍ୟାପ୍ଟରର ସହ ଆବାହକ ବନମାଳି ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଜୀବନ ସଦସ୍ୟ ଡ. ସୌରଭ ରଞ୍ଜନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଟ୍ରିକ ପରୀକ୍ଷାରେ ଦୃଷ୍ଟି ବାଧିତ ଛାତ୍ରୀଙ୍କ ସଫଳତା


ଭାଲୁକୁନି କର୍ମୀ ।

**ଲୋଇସିଂହା,୨୬।୫(ସୁଶାନ୍ତ ବାରିକ)** ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା । ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ଆଦିବାସୀ ହରିଜନ ହାଇସ୍କୁଲର ଦୃଷ୍ଟିବାଧିତ ଛାତ୍ରୀ ଭାଲୁକୁନି କର୍ମୀ । ସେ ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଛେଳବାହାଲ ଗ୍ରାମର ତୁଳସା କର୍ମୀ ଓ ବାପା ରାମ କର୍ମୀଙ୍କ ଝିଅ ଭାଲୁକୁନି କେଉଁଟିପାଲି ହାଇସ୍କୁଲରେ ପାଠ ପଢୁଥିଲେ । ଚଳିତବର୍ଷ ସେ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ଛାତ୍ରୀ ଭାଲୁକୁନିଙ୍କ ଗାଇଡ ଶିକ୍ଷକ ଭାବେ ହିମାଂଶୁ ଷଡଙ୍ଗୀ ଥିଲେ । ପରୀକ୍ଷା ହଲ ରେ ସହାୟକ ଛାତ୍ର ଭାବେ ସୋଲକ ନନ୍ଦ ଉତ୍ତର ଲେଖିଥିଲେ । ରବିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଭାଲୁକୁନି ୨୧୨ ମାର୍କ ରଖି ଇ ଗ୍ରେଡରେ ପାସ୍ ହୋଇଛନ୍ତି । ଦୃଷ୍ଟିବାଧିତ ଛାତ୍ରୀଙ୍କ ସଫଳତାକୁ ନେଇ ଅଭିଭାବକ,ସ୍କୁଲ କର୍ତ୍ତୃପକ୍ଷ, ସହପାଠୀ ଓ ଛେଳବାହାଲ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

## ଭୋଟର ସଚେତନତା ସତ୍ତ୍ୱେ କାମ ଦେଲାନି

**ପଦ୍ମପୁର,୨୬।୫ (ପ୍ରଦୀପ୍ତ ଦାଶ)** ଭୋଟଦାନ ପାଇଁ ପ୍ରଶାସନର ବ୍ୟାପକ ସଚେତନତା କାମ ଦେଲାନାହିଁ । ପୁରୁଣା ରେକର୍ଡ ଭାଙ୍ଗି ଉଠିପାରିଲା ନାହିଁ ମତଦାନ ହାର । ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ପଦ୍ମପୁର ଓ ବିଜେପୁର ବିଧାନସଭା କ୍ଷେତ୍ରରେ ୧ଲକ୍ଷ ୬ହଜାର ୯୫୦ ଭୋଟର ଭୋଟ ଦେଲେନାହିଁ । ପୂର୍ବରୁ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କରାଯାଇ ଅର୍ଥ ବ୍ୟୟ କରାଯାଇଥିଲା । ସ୍କୁଲ କଲେଜରେ ସଭାସମିତି କରିବା ସହିତ ଛକ ଯାଗାରେ ସଚେତନ ଧର୍ମି କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯାଇଥିଲା । ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି । ତଥାପି ଏହା ଭୋଟରଙ୍କୁ ପ୍ରଭାବିତ କରିପାରିନାହିଁ । ପୂର୍ବ ବର୍ଷ ତୁଳନାରେ ଭୋଟର ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ମତାଦାନ ହାର ବୃଦ୍ଧି ପାଇନାହିଁ । ୨୦୨୪ ନିର୍ବାଚନରେ ପଦ୍ମପୁର ବିଧାନସଭା କ୍ଷେତ୍ରରେ ୨ ଲକ୍ଷ ୭୦ ହଜାର ୨୪୪ ଭୋଟର ଥିବା ବେଳେ ୨ଲକ୍ଷ ୯ ହଜାର୯୫୯ ଭୋଟ ଦାନ କରିଥିବା ବେଳେ ଅବଶିଷ୍ଟ ୬୦ ହଜାର ୨୮୨ ମତଦାନରୁ ଦୂରରେ ରହିଛନ୍ତି । ସେହିପରି ବିଜେପୁର ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ୨ଲକ୍ଷ ୪୧ ହଜାର ୫୨୧ ଥିବାବେଳେ ୧ ଲକ୍ଷ ୯୪ ହଜାର ୮୫୩ ମତଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୪୬ହଜାର ୬୬୮ଜଣ ମତଦାନ କଲେନାହିଁ । ତେବେ ପଦ୍ମପୁର ବିଧାନସଭା କ୍ଷେତ୍ରରେ ଭୋଟ ଦାନ ସମୟ ଠିକ ଭାବେ ପ୍ରଚାର ପ୍ରସାର ହୋଇନାହିଁ ବୋଲି ଅନେକ ମତଦାତା ପ୍ରକାଶ କରିଛନ୍ତି । ଅନ୍ୟାନ୍ୟ ନିର୍ବାଚନମଣ୍ଡଳୀରେ ଅପରାହ୍ନ ୬ଟା ପର୍ଯ୍ୟନ୍ତ ମତଦାନ ହୋଇଥିବା ବେଳେ କେବଳ ପଦ୍ମପୁର ନିର୍ବାଚନମଣ୍ଡଳୀରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା । ଯାହାକି ଅନେକ ମତଦାତା ଭୋଟ କେନ୍ଦ୍ରରୁ ଫେରି ଯାଇଥିଲେ । ଏହାରି କାରଣରୁ ପଦ୍ମପୁରରେ ଅନେକ ମତଦାତା ବଞ୍ଚିତ ହୋଇଥିଲେ । ଯାହାକି ରାଜନୈତିକ ମହଲକୁ ଚିନ୍ତାରେ ପକାଇଦେଇଛି ।

## ହରିଶଙ୍କରରେ ସଫେଇ କାର୍ଯ୍ୟକ୍ରମ


ହରିଶଙ୍କର ମାର୍କେଟ କମ୍ପ୍ଲେକ୍ସ ସଫେଇ କରାଯାଉଛି ।

**ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ହେଲେ ସାମିଲ**

**ଖପ୍ରାଖୋଲ,୨୬।୫(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ମାର୍କେଟ ପାଖ ରାସ୍ତା କଡ଼, ଲିଚୁ ବଗିଚା, ଡିଅର ପାର୍କ, ଏସଏମଇ ପାର୍କ ପାଖ ସ୍ଥାନ ଆଦି ସଫେଇ କରିବା ସହ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ । ଦୁଇ ଦିନ ତଳେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶେଷ ହୋଇଥିବା ବେଳେ ଲକ୍ଷାଧିକ ଲୋକଙ୍କ ଭିଡ଼ ହୋଇଥିଲା । ଶତାଧିକ ଦୋକାନ ବଜାର ବସିଥିଲା । ଫଳରେ ବିଭିନ୍ନ ବର୍ଜ୍ୟବସ୍ତୁ ପଡି ପରିବେଶ ପ୍ରଦୂଷିତ ହୋଇଥିଲା । ସଫେଇ କାର୍ଯ୍ୟକ୍ରମରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ହରିଶଙ୍କର ବାନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରେକେଟା, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସାମିଲ ହୋଇଥିଲେ । ଖପ୍ରାଖୋଲ ପ୍ରେସ କ୍ଲବ ସଦସ୍ୟ ଅଭୟ ତ୍ରିପାଠୀ, ତାପସ ବେହେରା, ଉମାକାନ୍ତ ପ୍ରଧାନ, ମନୋଜ ଦାସ, ସରୋଜ ମିଶ୍ର, ଭୋଜରାଜ ବରିହା, ସରୋଜ ସାହୁ, ସବ୍ କମିଟି ସଦସ୍ୟ କ୍ଷମାନିଧି ଭୋଇ , ଶତ୍ରୁଘ୍ନ ନାଏକ, ଗଜ ନାଗ, ବଳରାମ ବେହେରା, ପଞ୍ଚମ ପ୍ରଧାନ, ତୁଳା ବରିହାଙ୍କ ସମେତ ଦେବୋତ୍ତର କର୍ମଚାରୀ, ସ୍ୱେଚ୍ଛାସେବୀ ସଫେଇ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ । ସେହିପରି ଯୁବ କୁଳତା ସମାଜ ତରଫରୁ ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ଅନ୍ନଛତ୍ର ସ୍ଥଳୀ ସଫେଇ କରାଯାଇଥିଲା ।

## ମାଟ୍ରିକ ପରୀକ୍ଷାରେ ୨ଛାତ୍ରୀଙ୍କ କୃତିତ୍ୱ


ଅଙ୍କିତା ମିଶ୍ର


ପ୍ରସିଦ୍ଧି ସିଂ ନିନା

**ଦେଓଗାଁ,୨୬।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମାଟ୍ରିକ ପରୀକ୍ଷାରେ ୨ଜଣ ଛାତ୍ରୀ ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ଏ ୱାନ ଗ୍ରେଡ୍‌ରେ ପାସ କରିଥିବା ଜଣାପଡିଛି । ଉଭୟ ଛାତ୍ରୀଙ୍କ କୃତିତ୍ୱରେ ବ୍ଲକ ଶିକ୍ଷାବିଭାଗ ତଥା ଶିକ୍ଷାପ୍ରେମୀ ମହଲରେ ଖୁସିର ଲହରି ଖେଳିଯାଇଛି । ପ୍ରକାଶ ଯେ, ବ୍ଲକର ଧଣ୍ଡାମାଳ ସତ୍ୟବାଦୀ ହାଇସ୍କୁଲର ଛାତ୍ରୀ ତଥା ଉକ୍ତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରାଜ କିଶୋର ମିଶ୍ରଙ୍କ ଝିଅ ଅଙ୍କିତା ମିଶ୍ର ୫୪୭ ନମ୍ବର ରଖି ଏ ୱାନ ଗ୍ରେଡ ରଖି ଉର୍ତ୍ତୀର୍ଣ୍ଣ ହୋଇଥିବା ବେଳେ ଉକ୍ତ ହାଇସ୍କୁଲର ଛାତ୍ରୀ ପ୍ରସିଦ୍ଧି ସିଂ ନିନା ୫୪୩ ନମ୍ବର ରଖି ଏ ୱାନ ଗ୍ରେଡରେ ପାସ କରିଛନ୍ତି । ସେ ପ୍ରମୋଦ ସିଂ ନିନାଙ୍କ ଝିଅ ଅଟନ୍ତି । ଏହି ସଫଳତାରେ ଉଭୟ ଛାତ୍ରୀ ନିଜର ପିତାମାତା ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି ।

## ଅତାବିରା ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ ସମାରୋହରେ ମଞ୍ଚାସୀନ ଅତିଥି ।

**ସରଣ୍ଡା,୨୬।୫ (ଯୁଧିଷ୍ଠିର ମହାପାତ୍ର)** ଅତାବିରା ଏନଏସିସ୍ଥିତ ମାରୱାଡ଼ି ଧର୍ମଶାଳା ପରିସରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଅତାବିରା ଶାଖା ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ ସଭାପତି ଦିନେଶ ଅଗ୍ରୱାଲ, ଅତାବିରା ପୂର୍ବତନ ସମ୍ପାଦକ ଜୟ ପ୍ରକାଶ ଅଗ୍ରୱାଲ, ବରଗଡ ଉପ ସଭାପତି କିଶନ ଲାଲ ଅଗ୍ରୱାଲ, ମଣ୍ଡଳ ସମ୍ପାଦକ ବିନୋଦ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଉଗ୍ରସେନ ମହାରାଜଙ୍କ ତୈଳ ଫଟୋଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସମ୍ମେଳନ ସଭାପତି ଶମ୍ଭୁନାଥ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ନୂତନ ଭାବେ ନବ ନିର୍ବାଚିତ ସତ୍ୟନାରାୟଣ ଅଗ୍ରୱାଲ ସଭାପତି, ରମେଶ ଅଗ୍ରୱାଲ ଉପ ସଭାପତି,ଉମେଶ ଅଗ୍ରୱାଲ ସମ୍ପାଦକ, ଗଣେଶ ଅଗ୍ରୱାଲ କୋଷାଧ୍ୟକ୍ଷ ତଥା ୭ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ନେଇ ଶପଥପାଠ ଗ୍ରହଣ କରାଯାଇଥିଲା । ଶପଥ ଗ୍ରହଣ ଉତ୍ସବରେ ଶିକ୍ଷା, ସାହିତ୍ୟ, ସିଏ, ଏମ ବିବିଏସ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ଜଣ ଦର୍ଶନା ଅଗ୍ରୱାଲ, ମମତା ଅଗ୍ରୱାଲ, ବର୍ଷା ଅଗ୍ରୱାଲ, ଆଁଚଳ ଅଗ୍ରୱାଲ ଓ ରାଜେଶ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରଗଡର ମାନ୍ୟଗଣ୍ୟ ସମ୍ମେଳନର ଜଗଦୀଶ ଗୋଲପୁରିଆ, ଅଜୟ ରେଖାନି ତଥା ଅଞ୍ଚଳର ଶତାଧିକ ସମ୍ମେଳନ ର ସମସ୍ତ ସଦସ୍ୟାସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସମ୍ପାଦକ ଉମେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଆଗରେ ବିକ୍ଷୋଭ

**ବୌଦ୍ଧ,୨୬।୫(ଅଜିତ କୁମାର ବାରିକ)** ଗତ ଶୁକ୍ରବାର ଦିନ ବୌଦ୍ଧ ବାପୁଜୀନଗର ବସ୍ତିର ସୁଜିତ ଦେହୁରୀଙ୍କ ମୃତଦେହ ମାଉଳିସିଙ୍ଗା ବିଦ୍ୟାଳୟ ପଛପଟ ଏକ ବନ୍ଧହୁଡାରେ ଥିବା ପଳଶା ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ପୁଅକୁ ଶଶୁର ଘର ଲୋକ ହତ୍ୟା କରିଥିବା ନେଇ ମୃତ ସୁଜିତଙ୍କ ପିତା ଯୋଗିନ୍ଦ୍ର ଦେହୁରୀ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ୨୨୦/୨୪ ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ପୋଲିସ ଏହି ମାମଲାରେ ମୃତ ଯୁବକଙ୍କ ଶଶୁର ଘର ଲୋକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି । ତେବେ ରବିବାର ସନ୍ଧ୍ୟାରେ ବାପୁଜୀନଗର ବସ୍ତିବାସିନ୍ଦା ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଥାନା ଆଗରେ ବିକ୍ଷୋଭ କରିଥିଲେ । ବୌଦ୍ଧ



ଥାନା ଆଗରେ ବସ୍ତିବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ବସ୍ତିବାସିନ୍ଦାଙ୍କ ସହିତ ଆଲୋଚନା କରି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଥ୍ୟକୁ ଆଧାର କରି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଝାଇଥିଲେ । ଫଳରେ ବସ୍ତିବାସିନ୍ଦା ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡିଛି ।

# ମହିଳାଙ୍କ ପ୍ରସବ କରାଇଲେ ଆର୍‌ପିଏଫ୍ କର୍ମଚାରୀ

ରାଉରକେଲା,୨୬।୫
(ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନରେ ଆର୍‌ପିଏଫ କର୍ମଚାରୀ ପ୍ରସବପୀଡା ଭୋଗୁଥିବା ଜଣେ ମହିଳାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଝାଡଖଣ୍ଡକୁ ଯାତ୍ରା କରିବା ପାଇଁ ରାଉରକେଲା ଷ୍ଟେଶନକୁ ବିଦେଶିନୀ ଗୌଡ଼ା ଓ ଦେବା ଗୌଡ଼ା ରବିବାର ପୂର୍ବାହ୍ନରେ ଆସିଥିଲେ। ଷ୍ଟେଶନରେ ବିଦେଶିନୀଙ୍କ ପ୍ରସବପୀଡା ଆରମ୍ଭ ହୋଇଥିଲା। ଆର୍‌ପିଏଫ୍‌କୁ ଏନେଇ ସୂଚନା ମିଳିବା ପରେ ରାଉରକେଲା ଆର୍‌ପିଏଫ୍ ସବ୍ ଇନ୍ସପେକ୍ଟର ଊଷାରାଣୀ ଟପ୍ପୋଙ୍କ ନେତୃତ୍ୱରେ ମହିଳା କନେଷ୍ଟବଳ ସୋନା ଓ ରୀନା କୁମାରୀ ବିଦେଶିନୀଙ୍କୁ ସାହାର୍ଯ୍ୟ କରିବାକୁ ଆଗେଇ ଆସିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାକୁ ସୂଚନା ଦେବା ପରେ ବିଦେଶିନୀଙ୍କ ପ୍ରସବ ଆରମ୍ଭ ହୋଇଥିଲା। ଡାକ୍ତରଖାନାରେ ଉଭୟ ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡିଛି। ଉକ୍ତ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରେଳବାଇ କର୍ମଚାରୀଙ୍କ ପକ୍ଷରୁ ଆର୍‌ପିଏଫ୍ କର୍ମୀଙ୍କୁ ସାଧୁବାଦ ଦିଆଯାଇଛି।

# ପୁଅଙ୍କୁ ପଛରେ ପକାଇ ଝିଅ ଆଗରେ

## ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ
## ରାଉରକେଲାରେ ୧୫ ଏ -୧

ରାଉରକେଲା,୨୫।୫
(ଦିନେଶ ମିଶ୍ର/ ସଙ୍ଗୀତା ଜେନା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତ ବର୍ଷ ସୁନ୍ଦରଗଡ ଜିଲାରେ ୯୭.୨୪ ପ୍ରତିଶତ ପାସ୍‌ହାର ରହିଛି। ଜିଲାରେ ୧୮ ଜଣ ଏୱାନ ପାଇଥିବା ବେଳେ ସେଥିମଧ୍ୟରୁ ୧୫ ଜଣ ରାଉରକେଲାର। ପୁଅଙ୍କ ଅପେକ୍ଷା ଝିଅମାନେ ଭଲ ନମ୍ବର ରଖିଛନ୍ତି। ୨୪ ହଜାର ୩ଶହ ୧୫ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲା ବେଳେ ସେଥିରୁ ୧୮ ଜଣ ଏ -୧,ଏ -୨ ୧୭୮ ଓ ବି -୧ ୮୩୮ ଜଣ ରଖିଛନ୍ତି। ସେହିଭଳି ବି -୨ ୨୫୮୭ ଜଣ ପାଇଥିବାବେଳେ ସି ଗ୍ରେଡ ୬୫୯୭ ଜଣ ଓ ଡି ଗ୍ରେଡ ୮୪୬୩, ଇ ଗ୍ରେଡ ୫୨୭୮ ଜଣ ରଖିଛନ୍ତି। ୩୫୨ ଜଣ ପିଲା ଫେଲ ହୋଇଥିବା ବେଳେ ସମୁଦାୟ ୨୩ ହଜାର ୯ଶହ ୫୯ଜଣ ପାସ୍ କରିଛନ୍ତି। ଜିଲାରେ ଟପ୍ପର ହୋଇଥିବା ରାଉରକେଲାର ଜଗଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଏସ୍‌ଭିଏମ୍)ର ଛାତ୍ରୀ ଶ୍ରୁତି ପଣ୍ଡା ୬ଶହ ନମ୍ବରରୁ ସର୍ବାଧିକ ୫୬୧ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ୧୮ ଏ -୧ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ରାଉରକେଲାର ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ବିଦ୍ୟାଳୟରେ ଏ-୨ ୩୬ ଜଣ ପାଇଥିବାବେଳେ ବି- ୧ ୭୩ ଓ ବି-୨ ୫୯ ଜଣ ପାଇଛନ୍ତି। ସେହିଭଳି ସି ଗ୍ରେଡ ୩୪ ଜଣ ପାଇଥିବାବେଳେ ଡି ଗ୍ରେଡ୍ ୯ ଓ ଇ ଗ୍ରେଡ୍ ୩ ଜଣ ପାଇଛନ୍ତି। ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଛେଣ୍ଡ ପବ୍ଲିକ୍ ସ୍କୁଲ ଓ ତରକେରା ହାଇସ୍କୁଲରୁ ଜଣେ ଏ' ୱାନ ପାଇଥିବାବେଳେ ରାଉରକେଲା ବାଜି ରାଉତ ଶିକ୍ଷା ନିକେତନ ବିଦ୍ୟାଳୟରେ ୨ ଜଣ ଏ -୧ ପାଇଛନ୍ତି।

ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୯୯.୫ ପ୍ରତିଶତ ପାସ୍‌ହାର ରହିଛି। ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ସାହୁ ୬ଶହରୁ ୫୫୨ ନମ୍ବର ରଖି ଏ- ୧ ପାଇଥିବାବେଳେ ୩ ଜଣ ଏ-୨ ପାଇଛନ୍ତି। ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ବର୍ଷ ୬୮ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୩ ଜଣ ଏ' ୱାନ ପାଇଥିବାବେଳେ ଏ'ଟୁ ୫ ଓ ବି' ୱାନ ୨୩ ଜଣ ପାଇଥିଲେ। ବି ଟୁ ୧୯, ସି ଗ୍ରେଡ ୧୨, ଡି ଗ୍ରେଡ ୫ ଓ ଇ ଗ୍ରେଡ ଜଣେ ପାଇଛନ୍ତି। ବାଜି ରାଉତ ଶିକ୍ଷା ନିକେତନ ବିଦ୍ୟାଳୟରେ ଅଭିନାଶ ବାରିକ ଓ ଜିତେନ୍ଦ୍ର କୁମାର ବିଶ୍ୱାଳ ଏ ୱାନ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଛେଣ୍ଡ ପବ୍ଲିକ୍ ସ୍କୁଲର ସଂଘମିତ୍ରା ସାହୁ ୫୫୨ ନମ୍ବର ରଖି ଏୱାନ ପାଇଛନ୍ତି। ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ଏ ଟୁ ୩ ଜଣ ଓ ବି ୱାନ ୧୪, ବି ଟୁ ୩୦, ସି ଗ୍ରେଡ ୨୯, ଡି ଗ୍ରେଡ ୧୦ ଓ ଇ ଗ୍ରେଡ ୪ ଜଣ ପାଇଛନ୍ତି। ସେକ୍ଟର-୨୧ ସ୍ଥିତ ଓଏସ୍‌ଏପି ହାଇସ୍କୁଲରେ ପାସ୍ ହାର ଶତପ୍ରତିଶତ ରହିଥିବା ପ୍ରଧାନ ଶିକ୍ଷକ ସନ୍ତୋଷ ନାୟକ ସୂଚନା ଦେଇଛନ୍ତି। ମୋଟ ୫୭ ଜଣ ପରୀକ୍ଷା ଦେଇଥିବା ବେଳେ ଏ୨ ଜଣେ, ବି୨ ୩, ସ ଗ୍ରେଡ ୮, ଡି ଗ୍ରେଡ୨୨ ଓ ଇ ଗ୍ରେଡ ୨୩ ଜଣ ପାଇଛନ୍ତି। ସେହିପରି ସେକ୍ଟର-୨୦ କୋଏଲ ବିଦ୍ୟାପୀଠରେ ଚଳିତ ଥର ୪୨ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ବି-୧ ଜଣେ, ବି -୨ ୬, ସି ଗ୍ରେଡ୨୪, ଡି ଗ୍ରେଡ୧୦, ଇଗ୍ରେଡ ଜଣେ ପାଇଛନ୍ତି। ଉକ୍ତ ସ୍କୁଲରେ ପାସ୍ ହାର ଶତପ୍ରତିଶତ ରହିଛି। ଅନୁରୂପ ଭାବେ ଛେଣ୍ଡ ପବ୍ଲିକ ସ୍କୁଲରେ ମୋଟ ୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଏ୧ ଗ୍ରେଡ ଜଣେ, ଏ୨ ଗ୍ରେଡ ୨, ବି୧ ଗ୍ରେଡ ୫, ବି୨ ଗ୍ରେଡ୍ ୬, ସି ଗ୍ରେଡ ୯, ଡି ଗ୍ରଡ ୧୭ ଓ ଇ ଗ୍ରେଡ୍ ୪ ଛାତ୍ରୀଛାତ୍ର ପାଇଛନ୍ତି। କୋଏଲନଗର ସ୍ଥିତ ସରସ୍ୱତୀ ବିଦ୍ୟାପୀଠରେ ମୋଟ ୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ବି-୧ ଗ୍ରେଡ ଜଣେ, ବି-୨ ଗ୍ରେଡ ୩, ସି ଗ୍ରେଡ ୬, ଡି ଗ୍ରେଡ ୨୫ ଓ ଇ ଗ୍ରେଡ ୧୫ ଜଣ ହାସଲ କରିଛନ୍ତି। ସେକ୍ଟର-୧୮ ସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିର ସରକାରୀ ସ୍କୁଲରେ ଚଳିତ ଥର ମୋଟ ୪୬ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ବି ୧ ଗ୍ରେଡ୍ ଜଣେ, ବି-୨ ଗ୍ରେଡ ୬, ସି ଗ୍ରେଡ ୬, ଡି ଗ୍ରେଡ ୧୧, ଇଗ୍ରେଡ୨୧ ଓ ଏଫ୍ ଗ୍ରେଡ ଜଣେ ପାଇଛନ୍ତି।

# ବାଣିଜ୍ୟ ସଂଘର ବାର୍ଷିକ ସାଧାରଣ ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ରାଉରକେଲା,୨୬।୫(ଦିନେଶ ମିଶ୍ର)

ପାନପୋଷ ବାଇପାସ୍ ରୋଡ ସ୍ଥିତ ବାଣିଜ୍ୟ ସଂଘ କାର୍ଯ୍ୟାଳୟରେ ଚେମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ୬୧ତମ ବାର୍ଷିକ ସାଧାରଣ ବୈଠକ ସଭାପତି ସୁନିଲ କୟାଲଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ନିର୍ବାଚନ ଜୁନ ୨ରେ ଅନୁଷ୍ଠିତ ହେବାକୁ ଥିବାରୁ ଏହି ବୈଠକରେ ସମସ୍ତ ପୂର୍ବ ଅଧ୍ୟକ୍ଷ ଓ ସଦସ୍ୟ ନିଜର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ସଂଘ ଉପସଭାପତି ନରେଶ ଆରିୟା, ଗୁରମିତ ସିଂହ, ସାଧାରଣ ସମ୍ପାଦକ ପ୍ରଭାତ ଚିବ୍ରିବାଲ, ଅର୍ଥ ସଚିବ ସନ୍ତୋଷ ଅଗ୍ରୱାଲ, ଶୁଭମ କାପୁର ପ୍ରମୁଖ ମଞ୍ଚାସୀନ ଥିଲେ। ଅର୍ଥ ସଚିବ ସନ୍ତୋଷ ଅଗ୍ରୱାଲ ଉକ୍ତ ବୈଠକରେ ବାର୍ଷିକ ବିବରଣୀ ସହ ୨୦୨୩-୨୪ ବର୍ଷର ଆୟ-ବ୍ୟୟ ଖର୍ଚ୍ଚର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ସଂଘ ପକ୍ଷରୁ ହୋଇଥିବା ରେଲୱେ ପକ୍ଷରୁ ଲାଠିକଟା-କୁଲୁଙ୍ଗା କୋରିଡର, ମୌର୍ଯ୍ୟ ଏକ୍ସପ୍ରେସ୍ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ ଭଳି ଉନ୍ନତି ମୂଳକ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂର୍ବତନ ସଭାପତି ପ୍ରବୀଣ ଗର୍ଗ ଓ ପି.ସି ନାୟକଙ୍କ ସହ ବହୁ ପୂର୍ବତନ ଅଧ୍ୟକ୍ଷ ନିଜର ମତବ୍ୟକ୍ତ କରିଥିଲେ। ବୈଠକରେ ଶୁଭମ କାପୁର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ କୁମାର ନୌତୁଲ୍ୟ, ପବନ ବାଗେଡିଆ, ଋଷି ଆରିୟା, ମନୀଷ ମୋଦିଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗୁରମିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର


ଆନି କିଣ୍ଡୋ


ରିତମ ଭୂୟାଁ

ରାଉରକେଲା,୨୬।୫ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ସଫଳତାର ସହ ଜାରି ରହିଛି। ଯାହା ଉକ୍ତ ଅଞ୍ଚଳର ଯୁବପିଢ଼ିଙ୍କୁ ଏକ ସମୃଦ୍ଧ ଓ ଅଭୁଲା ଅନୁଭୂତି ପ୍ରଦାନ କରୁଛି। ଏହି ଶିବିରରେ ୧୫୦୦ରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରୁଛନ୍ତି। ଏ ନେଇ ବିଭିନ୍ନ ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ୧୩ବର୍ଷ ବୟସ୍କ ରିତମ ଭୂୟାଁ କହିଛନ୍ତି, ପ୍ରଥମ ବର୍ଷ ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିରରେ ଟେବୁଲ ଟେନିସ୍‌ରେ ମୋର କ୍ୟାରିୟର ଆରମ୍ଭ କରିଥିଲି। ଏହି ଶିବିର କ୍ରୀଡ଼ା ପାଇଁ ମତେ ଉତ୍କୃଷ୍ଟ ଭିତ୍ତିଭୂମି ପ୍ରଦାନ କରିଛି। ନିପୁଣ ପ୍ରଶିକ୍ଷଣ ଲାଭ କରି ଜାତୀୟ ଚାମ୍ପିୟନଶିପ ଖେଳିବା ପର୍ଯ୍ୟନ୍ତ ପହଞ୍ଚିବାରେ ସାହାଯ୍ୟ କରିଛି। ଏଥିସହ ଅନ୍ତର୍ଜାତୀୟ ପଦକ ବିଜେତା ହେବାକୁ ସେ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟ ଜଣେ ୧୧ ବର୍ଷୀୟ ଯୁବ ପ୍ରତିଭା ଆନି କିଣ୍ଡୋ ଟେବୁଲ ଟେନିସରେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରି ବେଶ୍ ପ୍ରଶଂସା ସାଉଣ୍ଟି ସାରିଛି। କିଣ୍ଡୋ କହିଛନ୍ତି, ଆର୍‌ଏସ୍‌ପି ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ମୋ ପାଇଁ ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ। ଯେଉଁଠାରେ ମୁଁ ଟେବୁଲ ଟେନିସ୍‌ରେ ମୋର ଯାତ୍ରା ଆରମ୍ଭ କରିଥିଲି ଏବଂ ମୁଁ ଦିନେ ଜାତୀୟ ଚାମ୍ପିୟନ ହେବା ଲକ୍ଷ୍ୟ ରଖିଛି। ଆର୍‌ଏସ୍‌ପିର ଅର୍ଥ ବିଭାଗରେ କାର୍ଯ୍ୟ କରୁଥିବା ଟେବୁଲ ଟେନିସ୍ କୋଚ ରାଜେଶ ଚୌରାସିଆ କହିଛନ୍ତି, ଆର୍‌ଏସ୍‌ପିର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ସମାଜର ବିଭିନ୍ନ ବର୍ଗ ଏପରିକି ଅନଗ୍ରସର ଶ୍ରେଣୀର ପ୍ରତିଭାଙ୍କୁ ମଧ୍ୟ ଟେବୁଲ ଟେନିସର ବିବିଧ କଳା ଶିକ୍ଷାଲାଭର ସୁଯୋଗ ଦେଇ ଅନେକ ସଫଳତାର କାହାଣୀ ଲେଖିଛି। ଏଠାରେ ପ୍ରଶିକ୍ଷିତ ପ୍ରତିଭା ଜାତୀୟ ଚାମ୍ପିୟନ ହୋଇଛନ୍ତି ବୋଲି ସେ କହିଛନ୍ତି।

# ୨ ବର୍ଷର କାର୍ଯ୍ୟ ବିବରଣୀ ଉପସ୍ଥାପନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ଆର୍‌ଏସ୍‌ଏସ୍, ଜିଏମ୍‌ଏମ୍ ମେଣ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ

ରାଉରକେଲା,୨୬।୫(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନାରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ହେବାକୁ ଯାଉଛି। ତାରିଖ ଓ ଅନ୍ୟ ପ୍ରକ୍ରିୟା ଶ୍ରମ ବିଭାଗ ପକ୍ଷରୁ ଜାରି ରହିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଇସ୍ପାତ କାରଖାନାରେ ୨୦୨୧ରେ ସ୍ୱୀକୃତିଲାଭ କରିଥିବା ଆଇଏନ୍‌ଟିୟୁସି ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ନିର୍ବାଚନ ପାଇଁ କସରତ ଆରମ୍ଭ କରିଦେଇଛି। ଉକ୍ତ ମେଣ୍ଟର କାର୍ଯ୍ୟକାଳ ୨୦୨୪ ମାର୍ଚ୍ଚରେ ଶେଷ ହୋଇଛି। ଏହାର ୨ ବର୍ଷ କାର୍ଯ୍ୟକାଳରେ ବିଭିନ୍ନ ଶ୍ରମିକ ହିତକାରୀ କାର୍ଯ୍ୟ ସମ୍ପାଦନ ହୋଇଛି।

ଏ ନେଇ ରବିବାର ପୂର୍ବାହ୍ନରେ ସେକ୍ଟର-୧୮ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟ ବିବରଣୀ ଉପସ୍ଥାପନ କରାଯାଇଛି। ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଓ ଜିଏମ୍‌ଏମ୍ ସାଧାରଣ ସମ୍ପାଦକ ଗୋପାଳ ଦାସ ସୂଚନା ପ୍ରଦାନ କରିଥିଲେ। ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ବେହେରା ସୂଚନା ପ୍ରଦାନ କରି କହିଛନ୍ତି, ଏନ୍‌ଜେସିଏସ୍ ବୈଠକରେ ଦୃଢ଼ ଦାବି କରାଯାଇ ଏମ୍‌ଓୟୁ ମାଧ୍ୟମରେ ନୂତନ ପେ' ସ୍କେଲ ନିର୍ଦ୍ଧାରଣ କରାଯାଇଥିଲା। ଫ୍ରି ବେନିଫିଟ୍ ୨୬.୫% କରାଯାଇଛି। ଏଥିସହ ୩୯ ମାସର ଏରିଅର, ରାତ୍ରିକାଳୀନ ଭତ୍ତା, ଏଚ୍‌ଆର୍‌ଏ ଆଦି ପ୍ରଦାନ ଲାଗି ପ୍ରଚେଷ୍ଟା ଜାରି ରହିଛି। ସେହିପରି ଅବିବାହିତ କର୍ମଚାରୀଙ୍କ ମୃତ୍ୟୁ କ୍ଷତିପୂରଣ ସେମାନଙ୍କ ଭଉଣୀ ଓ ଭାଇଙ୍କୁ ତାଲିକାଭୁକ୍ତ କରାଯାଇଛି। ବିବାହିତ କର୍ମଚାରୀଙ୍କ ପାଇଁ କ୍ଷତିପୂରଣ କ୍ଷେତ୍ରରେ ତାଙ୍କ ସ୍ତ୍ରୀଙ୍କ ଚାକିରି ବୟସ ୩୫ରୁ ୪୦ ବର୍ଷକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ବିଭିନ୍ନ ଜଟିଳ ରୋଗର ରେଫରାଲ୍ ପାଇଁ ନିୟମ ସରଳୀକରଣ କରାଯାଇଛି। କର୍ମଚାରୀଙ୍କ ପାଇଁ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ଭତ୍ତା ବ୍ୟବସ୍ଥା, କ୍ରିଟିକାଲ କେୟାର ଆମ୍ବୁଲାନ୍ସ ଖର୍ଚ୍ଚ ପ୍ରଦାନ, ଅଙ୍ଗପ୍ରତ୍ୟଙ୍ଗ ଟ୍ରାନ୍ସପ୍ଲାଣ୍ଟ ପାଇଁ ୧୦ ଲକ୍ଷରୁ ୨୫ ଲକ୍ଷ ଟଙ୍କା ପ୍ରଦାନ ବ୍ୟବସ୍ଥା କରାଯାଇଛି। ସେହିପରି ବାସଗୃହ ବାବଦରେ ରିଂରୋଡ଼ରେ ଫୁଟ୍ ଓଭରବ୍ରିଜ, ସେକ୍ଟର-୧୮ରେ ଆଧୁନିକ ସୋସିଆଲ ହୋମ୍ ନିର୍ମାଣ ଆଦି କରାଯାଇଛି। ସୁରକ୍ଷା, ଉତ୍ପାଦନ ଓ ପ୍ରୋତ୍ସାହନ ପାଇଁ ୩ ବର୍ଷିଆ ପ୍ରମୋଶନ, କୋକ୍ ଓଭେନ୍ ବିଭାଗରେ ହିଟ୍ ଆଲାଉନ୍ସ, ପିଏଫ୍ ଋଣ ଉଠାଣ ସରଳୀକରଣ, ପାଷ୍ଟଏଡ୍ ସେଣ୍ଟର, ବେବି କ୍ରେଚ୍ ସମେତ ଅନେକ ବ୍ୟବସ୍ଥା କାରଖାନା ଶ୍ରମିକଙ୍କ ପାଇଁ କରିଛି ମେଣ୍ଟ। ଆର୍‌ଏସ୍‌ଏସ୍ ଚଳିତ ଶ୍ରମିକ ନିର୍ବାଚନ ସପକ୍ଷରେ ରହିଛି ବୋଲି ବେହେରା କହିଥିଲେ। ଦିଲୀପ ମହାପାତ୍ର, ନୀହାର ସାମଲ, ଅକ୍ଷୟ ଜେନା, ଆର୍.କେ. ପଣ୍ଡା, ବୀରକିଶୋର ସିଂଦେଓ, ସତ୍ୟ ସାହୁ, ବିକାଶ ବେହୁରିଆ, ଦୁର୍ଗା ଜେନାଙ୍କ ସମେତ ଜିଏମ୍‌ଏମ୍‌ର ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ଆନନ୍ଦ ଟପ୍ପୋ, ରାଜେଶ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# ୯୩.୫ ପ୍ରତିଶତ ନମ୍ବର ରଖି ଜିଲା ଟପ୍ପର ହେଲେ ଶ୍ରୁତି

ରାଉରକେଲା,୨୫।୫(ଦିନେଶ ମିଶ୍ର)

## ଇଞ୍ଜିନିୟର ହେବାକୁ ସ୍ୱପ୍ନ



ଦଶମ ପରୀକ୍ଷାରେ ୯୩.୫ ପ୍ରତିଶତ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି ରାସନ ଦୋକାନୀ ଝିଅ ଶ୍ରୁତି ପଣ୍ଡା। ଶ୍ରୁତି ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠପଢୁଥିଲେ। ୬ଶହରୁ ୫୬୧ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଇଞ୍ଜିନିୟର ହେବାକୁ ସ୍ୱପ୍ନ ଦେଖିଥିବା ବେଳେ ଦେଶ ସେବାରେ ନିଜକୁ ନିୟୋଜିତ ରଖିବେ ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପଛରେ ତାଙ୍କ ମା' ବାପା, ଗୁରୁମା, ଗୁରୁଜୀଙ୍କ ଅବଦାନ ରହିଛି ବୋଲି ସେ କହିଛନ୍ତି। ଶ୍ରୁତି ସ୍କୁଲ ଓ ଟିୟୁସନ ବ୍ୟତୀତ ପ୍ରତିଦିନ ଦିନକୁ ୬ ଘଣ୍ଟା କଠିନ ପରିଶ୍ରମ କରି ଏଭଳି ସଫଳତା ପାଇଛନ୍ତି ବୋଲି କହିଥିଲେ।

# ରେଳ ଷ୍ଟେଶନ ପରିଦର୍ଶନ କଲେ ଡିଆର୍‌ୟୁସିସି

ରାଉରକେଲା,୨୬।୫(ଦିନେଶ ମିଶ୍ର)

ରାଉରକେଲା ରେଲୱେ ଡିଆର୍‌ୟୁସିସି ସଦସ୍ୟ ପ୍ରଫେସର ଡ. ସୁବାସ ଲେଙ୍କା ପାନପୋଷ-କୁଲୁଙ୍ଗା ରେଳ ଷ୍ଟେନଶ ଗୁଡିକୁ ରବିବାର ପରିଦର୍ଶନ କରିଥିଲେ। ପ୍ରଥମେ ଲେଙ୍କା ପାନପୋଷ ସ୍ଥିତ ରେଳ ଷ୍ଟେଶନ ପରିଦର୍ଶନ କରି ସେଠାରେ ଥିବା ସମସ୍ତ ପ୍ଲାଟଫର୍ମକୁ ଯାଞ୍ଚ କରିଥିଲେ। ପ୍ଲାଟଫର୍ମରେ ଥିବା ପାନୀୟ ଜଳ ବ୍ୟବସ୍ଥା, ଯାତ୍ରୀ ବିଶ୍ରାମ ଗୃହ, ରେଳ ଟ୍ରେନେଲକୁ ବୁଲି ଦେଖିଥିଲେ। କୁଲୁଙ୍ଗା ରେଳ ଷ୍ଟେଶନରେ ଥିବା ଯାତ୍ରୀ ପ୍ରେକ୍ଷାଳୟ, ସାମୂହିକ ଶୌଚାଳୟ, ରେଲୱେ ସେଡ୍ ହାଉଓ୍ ସହ ପ୍ଲାଟଫର୍ମରେ ବିକ୍ରି ହେଉଥିବା ବିଭିନ୍ନ ସାମଗ୍ରୀକୁ ଯାଞ୍ଚ କରିଥିଲେ। ଷ୍ଟେଶନ ସମସ୍ୟାର ସମାଧାନ ପାଇଁ ଚକ୍ରଧରପୁର ରେଲୱେ ଡିଭିଜନର ଡିଆରଏମ୍‌ଙ୍କ ସହ ବୈଠକରେ ଆଲୋଚନା କରିବେ ବୋଲି ଡିଆର୍‌ୟୁସିସି ଲେଙ୍କା ପ୍ରତିଶ୍ରୁତି ଦେଇଥିଲେ। ଏହି ପରଦିର୍ଶନରେ ରାଉରକେଲା ରେଲୱେ ସିସିଆଇ ତପନ କୁମାର ମଣ୍ଡଳ, ସିଆଇ ଅତୁଲ କୁମାର ଘୋଷ, ଏନ୍. ସୁରିନ୍, ଇଞ୍ଜିନିୟର ଧନଞ୍ଜୟ ଲେଙ୍କା ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଅନ୍ୱେଷା ପକ୍ଷରୁ ମାଗଣା ହାଟ ପ୍ରଦର୍ଶିତ

ରାଉରକେଲା,୨୬।୫ (ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨୧ ସ୍ଥିତ ନନ୍ଦପଡା ଲେପର୍ସି କଲୋନୀର ନିର୍ମଳ ଭବନଠାରେ ଅନ୍ୱେଷା ପକ୍ଷରୁ ମାଗଣା ହାଟ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ହାଟରେ ଗରୀବ ଲୋକଙ୍କ ପାଇଁ ମାଗଣାରେ ବହୁ ସାର୍ଟ, ବହି ଓ ଘରୋଇ ଆସବାପତ୍ର ପ୍ରଦର୍ଶିତ ହୋଇଥିଲା। ହାଟକୁ ସମାଜିକ କର୍ମୀ ସପନା ଜେନା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହାଟରୁ ଲେପର୍ସି କଲୋନୀରେ ବାସ କରୁଥିବା ବହୁ ଗରୀବ ବୃଦ୍ଧା ଓ ବିଦ୍ୟାର୍ଥୀ ନିଜ ପସନ୍ଦ ଅନୁଯାୟୀ ବହିପତ୍ର ସାଙ୍ଗକୁ ବିଭିନ୍ନ ପୋଷାକ, ଶାଢ଼ୀ ନେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଦିବାକର ଦାସ, ତରୁଲତା ସାମଲ, ସତ୍ୟବାନ ସାହୁ, ରଞ୍ଜନ ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିର ଏବିପି ୨୦୨୪-୨୫ ଆର୍ଥିକ ତଥ୍ୟ ଆଧାରିତ ପୁସ୍ତିକା ଉନ୍ମୋଚିତ


ଅଧିକାରୀମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ରାଉରକେଲା,୨୬।୫
(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଅନ୍ୟ ଏକ ମାଇଲଖୁଣ୍ଟ ସ୍ୱରୂପ ଏବିପି ୨୦୨୪-୨୫ ଆର୍ଥିକ ତଥ୍ୟ ଆଧାରିତ ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। ଏହା ବିତ୍ତ ଓ ଲେଖା ବିଭାଗର ଚିନ୍ତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆ ଏବଂ ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସ ଏବଂ ବିତ୍ତ ଓ ଲେଖା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବର୍ମା ତାଙ୍କ ଅଭିଭାଷଣରେ କହିଥିଲେ, ଦୈନନ୍ଦିନ କାର୍ଯ୍ୟରେ ସୂଚନାତ୍ମକ ନିଷ୍ପତ୍ତି ନେବାରେ ଆର୍ଥିକ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉକ୍ତ ପୁସ୍ତିକାରେ ମାଇନ୍ସର ତଥ୍ୟ ଅନ୍ତର୍ଭୁକ୍ତିକୁ ସେ ପ୍ରଶଂସା କରିଥିଲେ। ସମାରୋହରେ ବେହୁରିଆ ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଏବଂ ବଜେଟକୁ ଉକ୍ତ ପୁସ୍ତିକାର ସଂକଳନ ତଥା ମୁଦ୍ରଣରେ ଉତ୍ସର୍ଗୀକୃତ ଏବଂ ସମୟାନୁବର୍ତ୍ତୀ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। ସେ କହିଥିଲେ, ଏହା ପ୍ରଥମ ଥର ପାଇଁ ଆର୍‌ଏସ୍‌ପି ଏବଂ ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସର ଏକୀକୃତ ଆର୍ଥିକ ତଥ୍ୟକୁ ଏଭଳି ବିସ୍ତୃତ ଫର୍ମାଟ୍‌ରେ ଉପଲବ୍ଧ କରାଯାଇଛି। ଏହି ପୁସ୍ତିକା ବାର୍ଷିକ ବଜେଟ ଯୋଜନା(ଏବିପି) ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନାକୁ ସହଜ ସାଧ୍ୟ କରିଛି। ଯାହା ଆର୍‌ଏସ୍‌ପି ସାମୂହିକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ଭାବେ କାର୍ଯ୍ୟ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମକୁ ବିତ୍ତ ଓ ଲେଖା ବିଭାଗ ମହାପ୍ରବନ୍ଧକ ବି.କେ. ସିଂହ ସଂଯୋଜନା କରିଥିଲେ। ଶେଷରେ ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ମହାନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ରାଜପଥରେ ବିଦ୍ୟୁତ୍ ଟାୱାର ପ୍ରତିବନ୍ଧକ

ରାଉରକେଲା, ୨୬।୫(ସଙ୍ଗୀତା ଜେନା)

ଓଡ଼ିଶାକୁ ଅନ୍ୟ ରାଜ୍ୟ ସହ ସଂଯୋଗ କରିବାକୁ ଜାତୀୟ ରାଜପଥ ୧୪୩ (ପୂର୍ବରୁ ୨୩)କୁ ବୀରମିତ୍ରପୁର- ବାରକୋଟ ପର୍ଯ୍ୟନ୍ତ ୪ ଲେନ୍ କରାଯାଇଛି। ହେଲେ ଦକ୍ଷିଣ ରାଉରକେଲାର ପ୍ରସିଦ୍ଧ ଶୈବପୀଠ ତରକେରା ନିକଟରେ ଉକ୍ତ ଜାତୀୟ ରାଜପଥର ପ୍ରାୟ ୮୦ ମିଟରରୁ ଊର୍ଦ୍ଧ୍ୱ ଡାଇଭର୍ସନ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଭାରିଯାନଗୁଡ଼ିକ ଏହି ଡାଇଭର୍ସନ ଦେଇ ଅତିକ୍ରମ କରୁଛି। ଏହା ନିକଟରେ ଏକ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟାୱାର ରହିଛି। ଉକ୍ତ ଟାୱାରର ସ୍ଥାନ ପରିବର୍ତ୍ତନ ପାଇଁ ବାରମ୍ବାର ଦାବି ହୋଇଆସୁଛି। ବିଦ୍ୟୁତ୍ କର୍ତ୍ତୃପକ୍ଷ ଏହର ସମାଧାନ ଚଳିତବର୍ଷ ଜୁନ୍ ସୁଦ୍ଧା କରିବେ ବୋଲି କହିଥିଲେ। ହେଲେ ଲମ୍ବା ପ୍ରକ୍ରିୟା ଯୋଗୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଅଧିକ ସମୟ ଲାଗିବ ବୋଲି ଜଣାପଡ଼ିଛି। ଲାଠିକଟାରୁ ତରକେରା ପର୍ଯ୍ୟନ୍ତ ପ୍ରାୟ ୮୦ ମିଟରରୁ ଊର୍ଦ୍ଧ୍ୱ ରାସ୍ତାରେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ୍ ଲିମିଟେଡ୍ (ଓପିଟିସିଏଲ୍)ର ୨୨୦ କେଭି ଟାୱାର ରହିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଉକ୍ତ ଟାୱାରର ଉଚ୍ଚତା ହ୍ରାସପାଇଛି। ସ୍ଥାନୀୟ ବାସିନ୍ଦା ରାଜୁ ରାଓଙ୍କ କହିବା ଅନୁସାରେ, ଭାରିଯାନଗୁଡ଼ିକ ଟାୱାର ନିକଟରେ ଅତିକ୍ରମ କରୁଛି, ଯାହାକି ବିଜୁଳି ତାର ସଂସ୍ପର୍ଶରେ ଆସିବା ସମ୍ଭାବନା ରହୁଛି। ତେଣୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏକ ବର୍ଷରୁ ଊର୍ଦ୍ଧ୍ୱ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ବନ୍ଦ କରି ଡାଇଭର୍ସନ କରିଛନ୍ତି। ଏଥିରେ ଗମନାଗମନରେ ସମସ୍ୟା ଉପୁଜୁଛି। ଏହି ଅଞ୍ଚଳ ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତରେ ଥିବାରୁ ଅଧିକ ଆନ୍ତଃରାଜ୍ୟ ଭାରିଯାନ ଚଳାଚଳ ହେଉଛି। ସେହିପରି ଏଠାରେ ପ୍ରସିଦ୍ଧ ଶୈବପୀଠ ରହିଛି। ବର୍ଷକୁ ୫-୬ ଥର ମେଳା ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏଠାରେ ଅଧିକ ଗହଳି ହେବା ଯୋଗୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ବୋଲି ରାଓ କହିଥିଲେ।


ଜାତୀୟ ରାଜପଥରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଟାୱାର।

## ଭାରିଯାନ ଚଳାଚଳରେ ସମସ୍ୟା

ଏହି ପରିପ୍ରେକ୍ଷୀରେ ଏନ୍‌ଏଚ୍‌ଏଆଇର ବରିଷ୍ଠ ଯନ୍ତ୍ରୀ ସଜିନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ, ଉକ୍ତ ରେନ୍‌ଫୋର୍ସଡ ସିମେଣ୍ଟ କଂକ୍ରିଟ (ଆର୍‌ସିସି) ସଡ଼କ ନିର୍ମାଣ ସମୟରେ ଉଚ୍ଚତା ବୃଦ୍ଧି ପାଇଥିଲା। ଦୁର୍ଘଟଣାକୁ ରୋକିବା ପାଇଁ ଡାଇଭର୍ସନ କରାଯାଇଛି। ଓପିଟିସିଏଲ୍ କର୍ତ୍ତୃପକ୍ଷ ଏହାକୁ ସମାଧାନ କରିବେ ବୋଲି କହିଥିଲେ। ନିର୍ଦ୍ଦିଷ୍ଟ ସମୟ ଜୁନ୍ ସୁଦ୍ଧା ହେବ ବୋଲି କୁହାଯାଇଥିଲା। ପରେ ଉକ୍ତ ବିଜୁଳି ଟାୱାରର ସ୍ଥାନାନ୍ତରଣ କରିବାରେ ଆସୁଥିବା ଖର୍ଚ୍ଚକୁ ପୁନଃ ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଗଲା। ଏ ନେଇ ଯୁଗ୍ମ ସର୍ଭେ କରାଗଲା। ନୂତନ ରିପୋର୍ଟ ପ୍ରସ୍ତୁତ କରି ଓପିଟିସିଏଲ୍‌କୁ ପଠାଯାଇଛି। ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ମିଳିବା ପରେ ଠିକାଦାରଙ୍କ ଦ୍ୱାରା ଉକ୍ତ ଟାୱାରକୁ ସ୍ଥାନାନ୍ତରଣ କରାଯିବ ବୋଲି ଚୌଧୁରୀ କହିଥିଲେ।

# ସ୍ନାତକ, ସ୍ନାତକୋତ୍ତର ଫାଇନାଲ ପରୀକ୍ଷା ଫଳ ପ୍ରକାଶିତ

ସମ୍ବଲପୁର,୨୬।୫(ପ୍ରମୋଦ ବହିଦାର)



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓ ସ୍ନାତକ ପରୀକ୍ଷା ଫଳ ପ୍ରକାଶ କରୁଛନ୍ତି କୁଳପତିଙ୍କ ସହିତ ଅନ୍ୟ ଅଧିକାରୀ।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ସ୍ନାତକୋତ୍ତର କଳା ବିଭାଗର ବିଭିନ୍ନ ପାଠ୍ୟକ୍ରମରେ ମୋଟ ୪୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇ ୯୪.୨୦ ପ୍ରତିଶତ ହାରରେ ୪୦୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅର୍ଥନୀତିରେ ୪୫ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୧ ଓ ଦ୍ୱିତୀୟ ଶ୍ରେଣୀରେ ୮ ଜଣ ପାସ୍ କରିଛନ୍ତି। ଶିକ୍ଷାରେ ୪୮ ଜଣ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ୪୬ ଓ ଦ୍ୱିତୀୟ ଶ୍ରେଣୀରେ ଜଣେ ପାସ୍ କରିଛନ୍ତି।

ଇଂଲିଶରେ ୩୦ଜଣ ପରୀକ୍ଷା ଦେଇଥିବାବେଳେ ୨୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୧ ଜଣ ପ୍ରଥମ ଓ ୫ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଭୂଗୋଳରେ ୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ହିନ୍ଦୀରେ ୨୮ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ଇତିହାସରେ ୭୪ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୯ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୫୧, ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ ପାସ୍ କରିଥିବା ବେଳେ ୫ଜଣ ଫେଲ ହୋଇଛନ୍ତି। ଓଡ଼ିଆରେ ୩୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୨.୧୦ ପ୍ରତିଶତ ହାରରେ ୩୫ ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ଦର୍ଶନଶାସ୍ତ୍ରରେ ୨୨ ଜଣଙ୍କ ମଧ୍ୟରୁ ୧୪ ଜଣ ପ୍ରଥମ ଶ୍ରେଣୀ, ୭ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ରାଜନୀତି ବିଜ୍ଞାନରେ ୩୭ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ମନସ୍ତତ୍ତ୍ୱରେ ୩୫ ଜଣଙ୍କ ମଧ୍ୟରୁ ୩୪ ଜଣ ପ୍ରଥମ ଶ୍ରେଣୀ ଓ ଜଣେ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସଂସ୍କୃତରେ ୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬ ଜଣ ପ୍ରଥମ, ୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ଜଣେ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାମାଜିକ ବିଜ୍ଞାନରେ ୮ ଜଣଙ୍କ ମଧ୍ୟରୁ ୭ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ବିଜ୍ଞାନ ସ୍ନାତକୋତ୍ତର ବିଭାଗରେ ମୋଟ ୧୭୬ ଜଣ ପରୀକ୍ଷା ଦେଇଥିବାବେଳେ ୧୫୧ ଜଣ ପାସ କରିଛନ୍ତି। ନୃତତ୍ତ୍ୱ ବିଭାଗର ସମସ୍ତ ୧୧ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ବାୟୋ ଟେକ୍ନୋଲୋଜିରେ ୧୬ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧ ଓ ଦ୍ୱିତୀୟ ଶ୍ରେଣୀରେ ୨ଜଣ ପାସ୍ କରିଛନ୍ତି। ଜୀବ ବିଜ୍ଞାନରେ ୧୭ ଜଣଙ୍କ ମଧ୍ୟରୁ ୧୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨ ଜଣ ଫେଲ ହୋଇଛନ୍ତି। ରସାୟନ ବିଜ୍ଞାନରେ ୧୮ ଜଣଙ୍କ ମଧ୍ୟରୁ ୧୫ ଜଣ ପ୍ରଥମ ଓ ଜଣେ ଦ୍ୱିତୀୟ ଶ୍ରେଣୀରେ ଓ ୨ ଜଣ ଫେଲ ହୋଇଛନ୍ତି। କମ୍ପ୍ୟୁଟର ବିଜ୍ଞାନରେ ୧୦ଜଣଙ୍କ ମଧ୍ୟରୁ ୬ ଜଣ ପ୍ରଥମ ଶ୍ରେଣୀରେ ଓ ୪ ଜଣ ଫେଲ ହୋଇଛନ୍ତି। ଲାଇବ୍ରେରୀ ଓ ସୂଚନା ବିଜ୍ଞାନରେ ୨୦ ଜଣଙ୍କ ମଧ୍ୟରୁ ୧୬ ଜଣ ପ୍ରଥମ ଓ ୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨ ଜଣ ଫେଲ ହୋଇଛନ୍ତି। ଗଣିତରେ ୧୮ ଜଣଙ୍କ ମଧ୍ୟରୁ ୧୫ ଜଣ ପ୍ରଥମ ଓ ଜଣେ ଲେଖାଏ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୌତିକ ବିଜ୍ଞାନରେ ୧୮ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୫, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଜଣେ ଲେଖାଏଙ୍କୁ ଓ ଜଣେ ଫେଲ ହୋଇଛନ୍ତି। ପରିସଂଖ୍ୟାନରେ ୪ ଜଣଙ୍କ ମଧ୍ୟରୁ ଜଣେ ଫେଲ ଓ ୨ଜଣ ପ୍ରଥମ ଶ୍ରେଣୀ ଓ ଜଣେ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ଜୀବବିଜ୍ଞାନରେ ୧୯ ଜଣଙ୍କ ମଧ୍ୟରୁ ଜଣେ ଫେଲ ଓ ସମସ୍ତ ୧୮ ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି।

ବାଣିଜ୍ୟରେ ମୋଟ୍ ୫୪ ଜଣଙ୍କ ମଧ୍ୟରୁ ୫୨ ଜଣ ପାସ କରିଛନ୍ତି। ୪୭ ଜଣ ପ୍ରଥମ ଓ ୫ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମ୍‌ସିଏ ବିଭାଗରେ ମୋଟ ୨୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬ ଜଣ ପ୍ରଥମ ଶ୍ରେଣୀ, ଜଣେ ଦ୍ୱିତୀୟ ଶ୍ରେଣୀ ଓ ୨ ଜଣ ଫେଲ ହୋଇଛନ୍ତି। ଏମ୍‌ବିଏ ପାଠ୍ୟକ୍ରମରେ ୬୮ ଜଣଙ୍କ ମଧ୍ୟରୁ ୬୧ ଜଣ ପାସ୍ କରିଛନ୍ତି। ୫୮ ଜଣ ପ୍ରଥମ ଓ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭ ଜଣ ଫେଲ ହୋଇଛନ୍ତି। ସେହିପରି ଏମ୍‌ବିଏ(ଏଫଏମ୍) ପାଠ୍ୟକ୍ରମରେ ୪୪ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୮ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୩ ଜଣଙ୍କୁ ମିଶାଇ ୪୧ ଜଣ ପାସ କରିଛନ୍ତି ଓ ୨ ଜଣ ଫେଲ ହୋଇଛନ୍ତି।

### ଜିଏମ୍‌ୟୁ ସ୍ନାତକ ଫାଇନାଲ ଫଳାଫଳ

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକ ବିଭାଗ କଳାରେ ମୋଟ୍ ୪୭୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫.୦୨ ହାରରେ ମୋଟ୍ ୪୦୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ

### ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ମଧ୍ୟରୁ ୩୩୫ ଜଣ ପ୍ରଥମ ଶ୍ରେଣୀରେ ଓ ୬୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୭୧ ଜଣ ଫେଲ ହୋଇଛନ୍ତି। ବିଜ୍ଞାନରେ ୨୨୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୭୯, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣଙ୍କୁ ମିଶାଇ ମୋଟ ୯୦.୧୮ ହାରରେ ୨୦୨ ଜଣ ପାସ କରିଥିବା ବେଳେ ୨୨ ଜଣ ଫେଲ ହୋଇଛନ୍ତି। ବାଣିଜ୍ୟରେ ୩୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୩ ଜଣ ପ୍ରଥମ, ୧୦୨ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି ଓ ୯୪ ଜଣ ଫେଲ ହୋଇଛନ୍ତି। ବିବିଏରେ ୫୭ ଜଣଙ୍କ ମଧ୍ୟରୁ ୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩ ଜଣ ପ୍ରଥମ ଓ ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨ ଜଣ ଫେଲ ହୋଇଛନ୍ତି। ସେହିପରି ବିଏସ୍‌ସି ଆଇଏସ୍‌ସିରେ ୪୫ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୧ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୮ଜଣଙ୍କୁ ମିଶାଇ ମୋଟ ୩୯ ଜଣ ପାସ କରିଥିବା ବେଳେ ୬ ଜଣ ଫେଲ ହୋଇଛନ୍ତି।

ରବିବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ କୁଳପତି ପ୍ରଫେସର ଏନ୍ ନାଗରାଜୁ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, ଉପ କୁଳ ସଚିବ ଡ. ଉମା ଚରଣ ପତି, ସହକାରୀ ପରୀକ୍ଷା ନିୟନ୍ତ୍ରକ ଡ. ସସ୍ମିତା ପରି ଓ ଅତିଥି ଫେକଲ୍ଟି ହେମ କୁମାର ନାଏକ ପରୀକ୍ଷା ଫଳ ପ୍ରକାଶନ କରିଥିଲେ। ପରୀକ୍ଷା ଶେଷ ହେବାର ମାତ୍ର ତିନି ସପ୍ତାହ ମଧ୍ୟରେ ଫଳ ପ୍ରକାଶନ କରାଯାଇଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଦେବଗଡ଼ରେ ୬୮.୧୭ ପ୍ରତିଶତ ମତଦାନ



ଦେବଗଡ଼,୨୬।୫(ଶଶାଙ୍କ ଶେଖର ଝଙ୍କର)

ଦେବଗଡ ଜିଲାରେ ଶନିବାର ଶାନ୍ତିଶୃଙ୍ଖଳାର ସହିତ ମତଦାନ ଶେଷ ହୋଇଥିବା ବେଳେ ୬୮.୧୭ ପ୍ରତିଶତ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ମତଦାନ ପାଇଁ ମତଦାତାମାନଙ୍କ ମଧ୍ୟରେ ରହିଥିବା ଉତ୍ସାହ ସାଙ୍ଗକୁ ପୋଲିଙ୍ଗ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ସହଯୋଗରେ ଏହା ସମ୍ଭବ ହୋଇଥିବାରୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ ନିମନ୍ତେ ଦୀର୍ଘଦିନ ହେଲା ଜିଲା ପ୍ରଶାସନ ଓ ନିର୍ବାଚନ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା। ସେହିପରି ମତଦାତାମାନଙ୍କୁ ମତଦାନ ପାଇଁ ଆକୃଷ୍ଟ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ୪୦ଟି ସଖି ବୁଥ ଖୋଲାଯାଇଥିଲା। ୧ ଲକ୍ଷ ୨୫ ହଜାର ୬୨୭ଜଣ ପୁରୁଷ, ୧ ଲକ୍ଷ ୨୫ ହଜାର ୭୫୦ଜଣ ମହିଳା ଓ ୧୭ଜଣ ତୃତୀୟ ଲିଙ୍ଗିଙ୍କୁ ମିଶାଇ ଜିଲାରେ ମୋଟ ୨୫୧ହଜାର ୩୯୪ ମତଦାତା ଅଛନ୍ତି। ସେମାନଙ୍କ ମଧ୍ୟରୁ ୯୬ ହଜାର ୫୦୧ଜଣ ପୁରୁଷ, ୯୯ ହଜାର ୯୯୫ଜଣ ମହିଳା ଓ ୯ଜଣ ଅନ୍ୟାନ୍ୟ ମତଦାତାଙ୍କୁ ମିଶାଇ ମୋଟ ୧ ଲକ୍ଷ ୯୬ହଜାର ୫୦୫ଜଣ ମତଦାତା ୩୩୮ଟି ମତଦାନ କେନ୍ଦ୍ରରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ର ଗୁଡିକରେ ୱେବ କାଷ୍ଟିଂ କ୍ୟାମେରା ଖଞ୍ଜାଯାଇଥିଲା।

# ୨ ଭାଇ ନିଖୋଜ, ଥାନାରେ ମାମଲା



ଦେବଗଡ଼,୨୬।୫(ଶଶାଙ୍କ ଶେଖର ଝଙ୍କର)

ଦେବଗଡ ଥାନା ସାମନ୍ତ୍ରାପାଲି ଗ୍ରାମର ଗୋଟିଏ ପରିବାରର ୨ଜଣ ନାବାଳକ (ଦୁଇଭାଇ) ନିଖୋଜ ହୋଇଯାଇଥିବା ବେଳେ ଅଦ୍ୟାବଧି ସେମାନଙ୍କ କୌଣସି ସନ୍ଧାନ ମିଳି ନ ଥିବା ଜଣାପଡିଛି। ଏ ନେଇ ନିଖୋଜ ନାବାଳକଙ୍କ ଆଈ ଦେବଗଡ ଥାନାରେ ଲିଖିତ ସୂଚନା ଦେବା ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସାମନ୍ତ୍ରାପାଲି ଗ୍ରାମର ବିଧବା ମହିଳା ଗୁରୁ କିଷାନଙ୍କ ବଡ ନାତି ରୋହିତ କିଷାନ (୧୧) ଓ ସାନ ନାତି ଅନିତ କିଷାନ(୧୦) ଶନିବାର ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟରେ କାହକୁ କିଛି ନ କହି ଘରୁ କେଉଁ ଆଡେ ଚାଲିଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେମାନଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ସେହିପରି ସେମାନେ କୌଣସି ସମ୍ପର୍କୀୟଙ୍କ ଘରକୁ ମଧ୍ୟ ଯାଇ ନ ଥିବା ଜଣାପଡିବାରୁ ସେମାନଙ୍କ ଆଈ ଦେବଗଡ ଅଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ କୌଣସି ବ୍ୟକ୍ତି ଯଦି ସେମାନଙ୍କ ସନ୍ଧାନ ପାଆନ୍ତି, ତେବେ ଥାନା କର୍ତ୍ତୃପକ୍ଷଙ୍କୁ ଅବିଳମ୍ବେ ଜଣାଇବା ପାଇଁ ପରିବାର ଲୋକ ନିବେଦନ କରିଛନ୍ତି।

# ସହରରେ ପଲିଥିନ ବ୍ୟବହାର ନିଷେଧ ଦାବି




ଝାରସୁଗୁଡ଼ା,୨୬।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଦୀର୍ଘ ବର୍ଷରୁ ପଲିଥିନ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ହୋଟେଲ, ତେଜରାତି ଦୋକାନ, ଔଷଧ ଦୋକାନ, ଫଳମୂଳ ଦୋକାନ, ପନିପରିବା ଦୋକାନ, ମାଂସ ଦୋକାନ ସମେତ ବିଭିନ୍ନ ଦୋକାନ ସହ ଘରଗୁଡ଼ିକରେ ମଧ୍ୟ ପଲିଥିନ ବ୍ୟବହାର ହେଉଛି। ବିଭିନ୍ନ ଘରଗୁଡ଼ିକରୁ ବାହାରୁଥିବା ପଲିଥିନ ବାହାରେ ଫୋପାଡିବାରୁ ତାହା ମାଟିରେ ମିଶୁ ନାହିଁ। ଫଳରେ ଗାଇ ଗୋରୁ ପଲିଥିନ ଖାଇ ମୃତ୍ୟୁବରଣ କରୁଛନ୍ତି। ଗତ କିଛିବର୍ଷ ତଳେ ଜିଲାପାଳଙ୍କ ଅଫିସ ନିକଟରେ ପଲିଥିନ ଖାଇ ଏକ ଗାଇ ମରିଥିଲା। ଅନ୍ୟପଟେ ଦେଖିବାକୁ ଗଲେ ଅନେକ ସମୟରେ ପୌର ପରିଷଦ ପକ୍ଷରୁ ସହର ବିଭିନ୍ନ ଦୋକାନରେ ଚଢାଉ ଦୋକାନ ମାଲିକମାନଙ୍କଠୁ ଫାଇନ ଆଦାୟ କରାଯାଇଥାଏ। କିନ୍ତୁ କିଛି ସମୟ ପରେ ସେମାନେ ପୁଣି ଖୋଲାଖୋଲି ପଲିଥିନ ମାଧ୍ୟମରେ ଜିନିଷପତ୍ର ବିକ୍ରି କରୁଛନ୍ତି। ଅନ୍ୟପଟେ ମାଟିରେ ପଲିଥିନ ମିଶୁ ନ ଥିବାରୁ ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ବିଭିନ୍ନ ଗଳିକନ୍ଦିରେ ପଲିଥିନ ପଡି ଅଇଳା ଆବର୍ଜନା ହେବା ସହିତ ପରିବେଶ ପ୍ରଦୂଷଣ ହେଉଛି। ଏଥିପ୍ରତି ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

# କେନ୍ଦୁପତ୍ର ତୋଳାଳିଙ୍କ ପରଲୋକ

ଦେଓଗାଁ,୨୬।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ମଧୁପୁର ଗାଁର ଜଣେ ମହିଳା କେନ୍ଦୁପତ୍ର ତୋଳିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଅନୁସୂୟା ମହାନନ୍ଦ। ଶନିବାର ସକାଳେ ଅନୁସୂୟା ଓ ତାଙ୍କ ସ୍ୱାମୀ ଯୁଗଲାଲ ମହାନନ୍ଦ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ। ସେଠାରେ ସେ ଅତ୍ୟଧିକ ଗରମ ହେତୁ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ସ୍ୱାମୀ ଓ ସେଠାରେ ଥିବା ଅନ୍ୟ ମହିଳାମାନଙ୍କ ସହଯୋଗରେ ଘରକୁ ଅଣାଯାଇ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଅତାବିରା ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ସରଣ୍ଡା,୨୬।୫ (ଯୁଧିଷ୍ଠିର ମହାପାତ୍ର)

ଅତାବିରା ଏନ୍‌ଏସି‌ସ୍ଥିତ ମାରୱାଡ଼ି ଧର୍ମଶାଳା ପରିସରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଅତାବିରା ଶାଖା ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ ସଭାପତି ଦିନେଶ ଅଗ୍ରୱାଲ, ଅତାବିରା ପୂର୍ବତନ ସମ୍ପାଦକ ଜୟ ପ୍ରକାଶ ଅଗ୍ରୱାଲ, ବରଗଡ ଉପ ସଭାପତି କିଶନ ଲାଲ ଅଗ୍ରୱାଲ, ମଣ୍ଡଳ ସମ୍ପାଦକ ବିନୋଦ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଉଗ୍ରସେନ ମହାରାଜଙ୍କ ତୈଳ ଫଟୋଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମ୍ମେଳନ ସଭାପତି ଶମ୍ଭୁନାଥ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ନୂତନ ଭାବେ ନବ ନିର୍ବାଚିତ ସତ୍ୟନାରାୟଣ ଅଗ୍ରୱାଲ ସଭାପତି, ରମେଶ ଅଗ୍ରୱାଲ ଉପ ସଭାପତି,ଉମେଶ ଅଗ୍ରୱାଲ ସମ୍ପାଦକ, ଗଣେଶ ଅଗ୍ରୱାଲ କୋଷାଧ୍ୟକ୍ଷ ତଥା ୭ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ନେଇ ଶପଥପାଠ ଗ୍ରହଣ କରାଯାଇଥିଲା। ଶପଥ ଗ୍ରହଣ ଉତ୍ସବରେ ଶିକ୍ଷା, ସାହିତ୍ୟ, ସିଏ, ଏମ ବିବିଏସ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ଜଣ ଦର୍ଶନା ଅଗ୍ରୱାଲ, ମମତା ଅଗ୍ରୱାଲ, ବର୍ଷା ଅଗ୍ରୱାଲ, ଆଁଚଲ ଅଗ୍ରୱାଲ ଓ ରାଜେଶ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡର ମାନ୍ୟଗଣ୍ୟ ସମ୍ମେଳନର ଜଗଦୀଶ ଗୋଲପୁରିଆ, ଅଜୟ ରେଖାନି ତଥା ଅଞ୍ଚଳର ଶତାଧିକ ସମ୍ମେଳନ ର ସମସ୍ତ ସଦସ୍ୟାସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସମ୍ପାଦକ ଉମେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ଆରମ୍ଭ ହେବେ ଆଟିଏମ୍‌ଏସ୍ ସିଷ୍ଟମ୍

ଝାରସୁଗୁଡ଼ା,୨୬।୫(ସଞ୍ଜୟ ମାଲି)



### ବେପୁରୁଆ ଗାଡ଼ି ଚାଳକ ସାବଧାନ

ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀ ତଥା ବେପୁରୁଆ ଗାଡି ଚାଳକ ସାବଧାନ। ଭୋଟ ଗଣତି ପରେ ପୁଣି ଆରମ୍ଭ ହେବ ଇଣ୍ଟିଗ୍ରେଟେଡ୍ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଟିଏମ୍‌ଏସ୍)। ରାସ୍ତାରେ ଖଞ୍ଜା ଯାଇଥିବା କେମେରାରେ ଧରା ପଡିଲେ ପୁଣି କଟିବ ଚାଲାଣ। ନିର୍ବାଚନ ଶେଷ ହେବାକୁ ଅପେକ୍ଷା ଥିଲା। ସହରରେ ଟ୍ରାଫିକ ତଥା ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ସକାଶେ ସହରସ୍ଥିତ ବିଭିନ୍ନ ସ୍ଥାନ ସରବାହାଲ, ଟାଉନ ଥାନା ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ବିମାନ ବନ୍ଦର ଛକ, ଏସପି ଅଫିସ ଛକ, ବେହେରାମାଲ ଆଦି ପ୍ରମୁଖ ଜାଗାରେ ୨୪୦ଟି ସିସିଟିଭି କେମେରା ଲଗାଯାଇଛି। ଯାହାର କଂଟ୍ରୋଲ ରୁମ ଏସପି ଅଫିସରେ ସ୍ଥାପିତ ହୋଇଛି। ଝାରସୁଗୁଡା ସହରାଞ୍ଚଳରେ ଇଣ୍ଟିଗ୍ରେଟେଡ଼ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଟିଏମଏସ) କାର୍ଯ୍ୟକାରି କରିବା ସକାଶେ ନିର୍ବାଚନ ପୂର୍ବରୁ ପଦକ୍ଷେପ ନିଆଯାଇଛି। ଏସପି ଅଫିସରେ ଅବସ୍ଥାପିତ କଣ୍ଟ୍ରୋଲ ରୁମରୁ ଗାଡ଼ି ଚାଳକଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବ୍ୟବସ୍ଥା ହୋଇଛି। ନିର୍ବାଚନ ଘୋଷଣା ପରେ ଗୋଟିଏ ଦିନ ଅର୍ଥାତ ଗତ ୮ ଏପ୍ରିଲରେ ଏହା କାର୍ଯ୍ୟକାରୀ ହୋଇଥିଲା ଏବଂ ଚାଲାଣ କଟିବା ଆରମ୍ଭ ମଧ୍ୟ ହୋଇଥିଲା। ନିର୍ବାଚନ ବେଳେ ଜନଅସନ୍ତୋଷ କାରଣରୁ କିଛି ଦିନ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଆଉ ଅଳ୍ପ ଦିନ ବ୍ୟବଧାନ ପରେ ଅର୍ଥାତ ଆସନ୍ତା ଜୁନ ୪ ତାରିଖ ଭୋଟ ଗଣତି ପରେ ବେପୁରୁଆ ଗାଡି ଚାଳକଙ୍କ ଚାଲାଣ କରିବା ଆରମ୍ଭ ହେବ। ଯାନବାହନ ଧାରା ଅଧିନିୟମ ଅନୁଯାୟୀ ବିନା ହେଲମେଟରେ ମୋଟରସାଇକଲ ଚଳାଇବା, ଚାରିଚକିଆ ଯାନରେ ଚାଳକ ଓ ଆରୋହୀ ଉଭୟ ସିଟ ବେଲ୍ଟ ନ ପିନ୍ଧିଲେ, ଗାଡି ଚାଳନା ବେଳେ ମୋବାଇଲରେ କଥା ହେଲେ, ଟ୍ରାଫିକ ନାଲି ବତ୍ତୀକୁ ଅଣଦେଖା କଲେ, ବେପୁରୁଆ ଗାଡି ଚଳାଇଲେ ତଥା ଟ୍ରାଫିକ ଛକରେ ଟ୍ରାଫିକ ନିୟମ ଅବମାନନା କଲେ ଦଣ୍ଡ ଭୋଗିବା ପାଇଁ ଲୋକେ ବାଧ୍ୟ ହେବେ। ଆଗକୁ ଝାରସୁଗୁଡାବାସୀ ଟ୍ରାଫିକ ନିୟମ ପ୍ରତି ସଚେତନ ନ ହୁଅନ୍ତି ଚାଲାଣ କଟି ଦଣ୍ଡ ଭୋଗିବା ନିଶ୍ଚିତ।

# ବର୍ଷାରେ ଭିଜିଲା ଧାନ, ରାସ୍ତାରେ ପଡ଼ିଲା ଗଛ

ଭବାନୀପାଟଣା,୨୬।୫(ଉତ୍ତମ କୁମାର ଦାଶ)


ବର୍ଷା ଯୋଗୁ ଚିଟୈଗୁଡା ମଣ୍ଡିରେ ଧାନ ଭିଜିଯାଇଛି।


ଚିଟୈଗୁଡା ପିଡବ୍ଲ୍ୟୁଡି ରାସ୍ତାରେ ଗଛ ପଡିଯାଇଛି।

କଳାହାଣ୍ଡି ଜିଲାରେ ଚଳିତ ରବି (ଡାଲୁଅ) ଚାଷ ପାଇଁ ଗତ ୨୦ ତାରିଖଠାରୁ ମଣ୍ଡି ଖୋଲିଛି। ଏହାକୁ ନେଇ ଚାଷୀମାନେ ଉତ୍ସାହିତ ହେଉଥିବାବେଳେ ରବିବାର ମଧ୍ୟାହ୍ନରେ ହଠାତ୍ ବର୍ଷା ପବନ ଯୋଗୁ ଚାଷୀଙ୍କ ବହୁତ କ୍ଷତି ହୋଇଛି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବିଶେଷ କରି ଜିଲାର ଜୁନାଗଡ ବ୍ଲକ ଅଞ୍ଚଳରେ ଏହାର ପ୍ରଭାବ ବେଶୀ ଦେଖିବାକୁ ମିଳିଛି। ଜୋରରେ ପବନ ବୋହିବା ସହ ଘଡଘଡି ବର୍ଷା ହୋଇଥିଲା। ଯାହାଫଳରେ ମଣ୍ଡିରେ ଓ ଖଳାରେ ଥିବା ଧାନ ଗୁଡିକ ଭିଜିଯାଇ ଥିବା ଦେଖିବାକୁ ମିଳିଛି। ସେହିପରି କ୍ଷେତରେ ଥିବା ଧାନଗୁଡିକ ମଧ ପବନ ଯୋଗୁଁ ଶୋଇ ପଡିଛି। ବର୍ଷା ଯୋଗୁ ମଣ୍ଡି କାର୍ଯ୍ୟ ମଧ ବାଧାପ୍ରାପ୍ତ ହୋଇଥିଲା।

ଜିଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲୁଥିବାବେଳେ ବର୍ଷାରୁ ଧାନକୁ ରକ୍ଷା କରିବା ପାଇଁ ଆର୍‌ଏମସି ପକ୍ଷରୁ ଚାଷୀଙ୍କୁ ତାରପୋଲିନ ଦିଆଯିବା ବ୍ୟବସ୍ଥା ରହିଛି। ହେଲେ ଠିକ ସମୟରେ ଚାଷୀଙ୍କୁ ତାରପୋଲିନ ଦିଆଯାଇ ନ ଥିବାରୁ ଧାନ ମଣ୍ଡିରେ ଭିଜିଯାଇଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ବର୍ଷାରେ ଧାନ ଭିଜିବା ଯୋଗୁଁ ଧାନ କଟନି ଛଟନି ଅଧିକ ହେବା ମଧ ଆଶଙ୍କା ରହିଛି। ମଣ୍ଡି ଚାଲିବାର ମାତ୍ର ୫ଦିନ ପରେ ବର୍ଷା ପବନ ଦାଉ ସାଧିଥିବାରୁ ଚାଷୀଙ୍କ ମଧରେ ଏବେ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ, କାଳବୈଶାଖୀ ଯୋଗୁଁ ଚିଟୈଗୁଡା-ହାତୀନଦୀ ପିଡବ୍ଲ୍ୟୁଡି ରାସ୍ତା ମଧରେ ଏକ ଗଛ ପଡିଯାଇଥିବାରୁ ଚଳାଚଳ ବ୍ୟାଘାତ ହୋଇଥିଲା। ଆଟିଗାଁ-ସନ୍ୟାସୀକୁଣ୍ଡମାଳ ପିଡବ୍ଲ୍ୟୁଡି ରାସ୍ତା ନିର୍ମାଣ ହେଉଥିବାବେଳେ ଛୋରିଆଗଡ ଆପ୍ରୋଚ ରୋଡ଼ଠାରେ ମଣ୍ଡିକୁ ଯାଉଥିବା ଏକ ଟ୍ରକ ବର୍ଷା ଯୋଗୁ ଫସିଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ପବନ ଯୋଗୁ ଗଛଗୁଡିକ ପଡିଯାଇଥିବାରୁ ଅଞ୍ଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଯାହାକୁ ନେଇ ଉପଭୋକ୍ତାଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଏକ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସହିତ ଦୀପ ଯଜ୍ଞ

ଖଡ଼ିଆଳ,୨୬।୫
(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲକ୍ଷ୍ମୀପୁର ଗ୍ରାମର ପରମେଶ୍ୱର ବାରିକଙ୍କ ବାସଭବନରେ ମଧ୍ୟାହ୍ନରେ ଏକ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଓ ସନ୍ଧ୍ୟା ସମୟରେ ଦୀପ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ପରମେଶ୍ୱର ବାରିକ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଚଳାନ କାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମରେ ଯଜମାନ ଭାବେ ଦୟାନିଧି ବାରିକ, ରୁବି ପଟ୍ଟନାୟକ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର କେତନ ସିଂ ବାରିକ, ବିକ୍ରମ ବନଛୋର, କୁମଞ୍ଜଳି ବାରିକ, ଗୀତାଞ୍ଜଳୀ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଗାୟତ୍ରୀ ଯଜ୍ଞ ସହିତ ଦୀପ ଯଜ୍ଞରେ ୪୦୦ ରୁ ଉର୍ଦ୍ଧ୍ୱ ମହିଳା ଭକ୍ତ ପୁରୁଷ ଭକ୍ତ ସାମିଲ ଥିଲେ। ରାତ୍ର ସମୟରେ ମନୋରଞ୍ଜନ କାର୍ଯ୍ୟକ୍ରମ ପାଲା ଅନୁଷ୍ଠିତ ହୋଇଥିଲା ।

## ଘଣ୍ଟମାଲରେ ରବି ଧାନ ମଣ୍ଡି ଉଦ୍‌ଘାଟିତ

ପଲମ, ୨୬।୫ (ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ଘଣ୍ଟାମାଲ ପଞ୍ଚାୟତସ୍ଥିତ ନର୍ଲା ପାକ୍ସର ଘଣ୍ଟମାଲ ଗ୍ରାମରେ ରବି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଘଣ୍ଟମାଲ ଗ୍ରାମପଞ୍ଚାୟତର ସରପଞ୍ଚ ଦେବେନ୍ଦ୍ର ସା ଯୋଗଦାନ କରି ମଣ୍ଡିର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ପାକ୍ସର ସମ୍ପାଦକ ଲବକାନ୍ତ ସା, ନର୍ଲା ପେକ୍ସ ଡାଇରେକ୍ଟର ଚିଁଚିବିଗଉଡିଆ, ଚାଷୀ ଦୟାମୟ ପଧାନ, ଗଜେନ୍ଦ୍ର ପଧାନ, ପ୍ରଶାନ୍ତ ସା, ଅରକ୍ଷିତ ନାଏକ, ମାନଭଞ୍ଜନ ସାହୁ ପ୍ରମୁଖଙ୍କ ସମେତ ଆର୍‌ଏମ୍‌ସି କର୍ମଚାରୀ ଉପସ୍ଥିତ ରହିଥିଲେ। ପ୍ରକାଶଯୋଗ୍ୟ, ନର୍ଲା ବ୍ଲକର ଅନେକ ଜାଗାରେ ରବି ଧାନ ମଣ୍ଡି ଖୋଲା ଯାଇଛି । ଚଳିତବର୍ଷ ପ୍ରଥମ କରି ରବିଋତୁରେ ଧାନ ଚାଷ ପାଇଁ ପାଣି ଛାଡିଥିବା ରେତ ଜଳସେଚନ ପ୍ରକଳ୍ପ ଯୋଗୁଁ ଶାନ୍ତପୁର, ବଡଧାରପୁର ପ୍ରଭୃତି ଅଞ୍ଚଳରେ କେନାଲ ପାଣି ଲାଗି ଡାଲୁଅ ଧାନ ଅମଳ ହେଉଛି। ଚାଷୀ ରବି ଧାନ ଚାଷ କରି ମଣ୍ଡିରେ ଧାନ ବିକ୍ରିକରୁଥିବା ଦେଖିବାକୁ ମିଳୁଛି । ପ୍ରତ୍ୟେକ ମଣ୍ଡିସ୍ଥାନରେ ଶୃଙ୍ଖଳିତ ଭାବରେ କାର୍ଯ୍ୟ ଚାଲୁରହିଛି ବୋଲି ନର୍ଲା ଯୋଗାଣ ଅଧିକାରୀ ଶିବମହାନ୍ତି ପ୍ରକାଶ କରିଛନ୍ତି।


ମଣ୍ଡି ଶୁଭାରମ୍ଭ କରାଯାଉଛି।

## ମଣ୍ଡିରେ ଭିଜିଲା ଚାଷୀଙ୍କ ଧାନ


ମଣ୍ଡିରେ ଥିବା ଧାନ ବର୍ଷାରେ ଭିଜିବା ପରେ ଜଣେ ଚାଷୀ ଗୋଟାଉଛନ୍ତି।

କୋକସରା,୨୬।୫
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଲଘୁଚାପଜନିତ ବର୍ଷାର ପ୍ରଭାବରେ ରବିବାର କଳାହାଣ୍ଡି ଜିଲା କୋକସରା ବ୍ଲକରେ ମଧ୍ୟାହ୍ନରେ ଝଡ଼ ତୋଫାନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ କୋକସରା ବ୍ଲକର ବିଭିନ୍ନ ମଣ୍ଡିରେ ଥିବା ଚାଷୀଙ୍କ ଧାନ ବର୍ଷାରେ ଓଦା ହୋଇ ନଷ୍ଟ ହୋଇଛି। ବ୍ଲକର କୋକସରା, କାଉଡୋଲା, ମୋଟେର, କାଶିବାହଲ, ଡ଼ହଗାଁ, ଖୁଣ୍ଟିଆ, ଲଡୁଗାଁ, ଫୁଫଗାଁ, କନ୍ଧାବୁଟୁରା, ଡାଲଗୁମା ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ପଡ଼ି ରହିଛି। ହଠାତ ଅଦିନିଆ ବର୍ଷା ଯୋଗୁଁ ମଣ୍ଡିରେ ପଡ଼ିରହିଥିବା ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏହି ସବୁ ମଣ୍ଡିରେ ଚାଷୀଙ୍କ ଧାନର ସୁରକ୍ଷା ପାଇଁ ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ରବିବାର ମଣ୍ଡି ବନ୍ଦ ରହିଥିବା କାରଣରୁ କର୍ମଚାରୀମାନେ ଅନୁପସ୍ଥିତ ଥିଲେ। ଠିକ୍ ସମୟରେ ଚାଷୀଙ୍କୁ ଧାନ ଢାଙ୍କିବା ପାଇଁ ପଲିଥିନ ନ ମିଳିବା ଓ ଦିଆଯାଇଥିବା ପଲିଥିନ ଚିରା ଓ ଫଟା ରହିଥିବା କାରଣରୁ ଧାନରେ ବର୍ଷା ପାଣି ପଶି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ। କୋକସରା ସଦର ମଣ୍ଡିରେ ଆର୍‌ଏମ୍‌ସି ପକ୍ଷରୁ ଚାଷୀଙ୍କ ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ରହିଛି। ବର୍ଷା ପାଣି ନିଷ୍କାସନ ପାଇଁ ରହିଥିବା ଡ୍ରେନ ଅନେକ ସ୍ଥାନରେ ପୋତି ହୋଇଥିବା ଓ ଅବ୍ୟବସ୍ଥିତ କାରଣରୁ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଚାଷୀଙ୍କ ଧାନ ଉପରେ ମାଡି ଯାଉଛି। ଫଳରେ ଧାନ ଓଦା ହେବା ସହ ଗୁଣବତ୍ତା ହରାଇବା କାରଣରୁ ମିଲର୍ସ ଧାନ ନେବାକୁ ମନା କରୁଛନ୍ତି। କୋକସରା ସଦର ମଣ୍ଡିରେ ଗତ ୨୦ ତାରିଖରୁ ଧାନ କ୍ରୟ ଆରମ୍ଭ ହୋଇଥିବାବେଳେ ଶନିବାର ସୁଦ୍ଧା ୧୪୪ ଜଣ ଚାଷୀଙ୍କ ୮୩୬୬.୮୫ କୁଇଣ୍ଟାଲ ଧାନ ବିକ୍ରି ହୋଇଥିବାବେଳେ ବର୍ତ୍ତମାନ ୨୦ ଚାଷୀଙ୍କ ୧୫୦୦ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି ପାଇଁ ରହିଥିବା ନେଇ ପେକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ ସୂଚନା ଦେଇଛନ୍ତି। ତେବେ ମଣ୍ଡିକୁ ଧାନ ବିକ୍ରି ପାଇଁ ଆସିଥିବା ଚାଷୀ ପୂର୍ଣ୍ଣଚନ୍ଦ୍ର ତାଣ୍ଡିଙ୍କ ୩୨ କୁଇଣ୍ଟାଲ, ଜିତେନ୍ଦ୍ର ପ୍ରଧାନୀଙ୍କ ୮୦ କୁଇଣ୍ଟାଲ, ମଦନ ନାଏକଙ୍କ ୯୩ କୁଇଣ୍ଟାଲ, ଉତ୍ତମ ପ୍ରଧାନୀ ୫୩ କୁଇଣ୍ଟାଲ, ଶଙ୍କର ପ୍ରସାଦ ସିଂ ୫୫ କୁଇଣ୍ଟାଲ, ଦଶରଥ ବେମାଲଙ୍କ ୯୩ କୁଇଣ୍ଟାଲ, ଚିତ୍ରେଶ୍ୱରୀ ଶବର ୫୦ କୁଇଣ୍ଟାଲ, ଭଞ୍ଜନ ଶବର ୮୦ କୁଇଣ୍ଟାଲ, ଟୁନୁ ବିଶି ୧୨ କୁଇଣ୍ଟାଲ, ଦେବାନନ୍ଦ ନାଗ ୧୩୦ କୁଇଣ୍ଟାଲ, ତ୍ରିଭୁବନ ପ୍ରଧାନୀ ୧୩୦ କୁଇଣ୍ଟାଲ, ସନ୍ତୋଷ ପ୍ରଧାନୀ ୬୭ କୁଇଣ୍ଟାଲ, ସସ୍ମିତା ମାଝୀଙ୍କ ୧୧୦ କୁଇଣ୍ଟାଲ ସମେତ ଅନ୍ୟ ଚାଷୀଙ୍କ ଧାନ ବିକ୍ରି ପାଇଁ ରହିଛି। ତେବେ ହୋଇଥିବା ଅଦିନିଆ ବର୍ଷାରେ ଅଧିକାଂଶ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ମଣ୍ଡିଗୁଡିକରେ ମଧ ଚାଷୀଙ୍କ ଧାନ ବର୍ଷାରେ ଓଦା ହୋଇ ନଷ୍ଟ ହେବା ଆଶଙ୍କା ରହିଛି। ଆସନ୍ତା ଦୁଇଦିନ ଧରି ଲଘୁଚାପ ବର୍ଷା ସୂଚନା ରହିଥିବାବେଳେ ଆର୍‌ଏମ୍‌ସି ପକ୍ଷରୁ ଚାଷୀଙ୍କୁ ଧାନର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ପଲିଥିନ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ପ୍ରଗତି କଲେଜର ଈଶାନେଶ୍ୱର ନେଗୀ କଳାହାଣ୍ଡି ଟପ୍ପର

ଭବାନୀପାଟଣା,୨୬।୫ (ଉତ୍ତମ କୁମାର ଦାଶ)

**ସିଏଚ୍‌ଏସ୍‌ଇ ଯୁକ୍ତ୨ବିଜ୍ଞାନ ପରୀକ୍ଷା ଫଳ**


ଜିଲା ଟପ୍ପର ହୋଇଥିବା ବିଜ୍ଞାନ ଛାତ୍ର ଈଶାନେଶ୍ୱର ନେଗୀ।

ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଦ୍ୱାରା ପରିଚାଳିତ (ସିଏଚଏସଇ)ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ରବିବାର ଅପରାହ୍ନରେ ପ୍ରକାଶିତ ହୋଇଛି । ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଈଶାନେଶ୍ୱର ନେଗୀ ୫୪୬ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି । ସେହିପରି ବୈଶମ୍ପା ମେହେର ୫୪୩ ନମ୍ବର, ସୁଜିତ କୁମାର ସାହୁ ୫୪୦ ନମ୍ବର ସହ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହେବା ସହିତ ଜିଲା ପାଇଁ ଗୌରବ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ଈଶାନେଶ୍ୱର ନେଗୀ ହେଉଛନ୍ତି ଧର୍ମଗଡ଼ ବ୍ଲକ ଅନ୍ତର୍ଗତ କାଶିବାହାଲର ଭବାନୀ ଶଙ୍କର ନେଗୀ ଓ ମହେଶ୍ୱତା ନେଗୀଙ୍କର ସୁପୁତ୍ର। ସେହିପରି ବୈଶମ୍ପା ମେହେର ହେଉଛନ୍ତି ସିନାପାଲି ବ୍ଲକ ଅନ୍ତର୍ଗତ କପିଆ ଗ୍ରାମର ହରବରିଆ ମେହେର ଓ ପାଞ୍ଚାଳୀ ମେହେରଙ୍କ ସୁପୁତ୍ର। ଏହାସହ ସୁଜିତ କୁମାର ସାହୁ ହେଉଛନ୍ତି ନର୍ଲା ବ୍ଲକ ଅନ୍ତର୍ଗତ ମୁଣ୍ଡାପଲା ଗ୍ରାମର ରଂଜୁ ସାହୁ ଓ ସୁଷମା ସାହୁଙ୍କ ସୁପତ୍ର। ଚଳିତ ବର୍ଷ ପ୍ରଗତି କଲେଜର ପରୀକ୍ଷା ଫଳାଫଳ ଶତପ୍ରତିଶତ ରହିଛି। ଶିକ୍ଷାନୁଷ୍ଠାନର ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ୨୭ଜଣ ଛାତ୍ରୀ ଛାତ୍ର, ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ୪୯ ଜଣ ଛାତ୍ରୀଛାତ୍ର ଓ ୨୬୩ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି।

ଏହି ଆଶାତୀତ ଫଳାଫଳରେ ସମସ୍ତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମନରେ ବେଶ ଉତ୍ସାହ ସୃଷ୍ଟିହେବା ସହିତ ଅଭିଭାବକମାନେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଫଳାଫଳକୁ ନେଇ କଲେଜର ଚେୟାର ପରସନ ସଙ୍ଗୀତା ପଣ୍ଡା ଓ ସମ୍ପାଦକ ଅଜୟ କୁମାର ପଣ୍ଡା ମଧ ସମସ୍ତ ଅଧ୍ୟାପକଅଧ୍ୟାପିକା ତଥା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।

## ଦଶମ ଶ୍ରେଣୀ ପରୀକ୍ଷା ପାସ ହାର ନୂଆପଡା ସର୍ବନିମ୍ନ

ନୂଆପଡା,୨୬।୫ (ମକାରୁ ବେମାଲ)


ଜିଲା ଟପର ଜୟ ପ୍ରକାଶ।

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ସହ ମଧ୍ୟମା ଓ ରାଜ୍ୟ ଓପନ ବିଦ୍ୟାଳୟ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି । ନୂଆପଡା ଜିଲାରେ ପରୀକ୍ଷା ଫଳ ପାସ ହାର ୯୩.୯୧% ରହିଛି। ସୂଚନା ମୁତାବକ ଜିଲାରେ ମୋଟ ୧୦ ହଜାର ୫ ଶହ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । କିନ୍ତୁ ପରୀକ୍ଷା ଦେବା ସମୟରେ ୪୮୦ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ଜିଲାରେ ୩ ଜଣ ପରୀକ୍ଷାର୍ଥୀ ଏ୧ ଗ୍ରେଡରେ ପାସ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ନୂଆପଡା ସଦର ବ୍ଲକ ବେଲଟୁକୁରି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଜୟ ପ୍ରକାଶ ସାହୁ ମୋଟ ୬ ଶହରୁ ୫୫୨ ମାର୍କ ରଖି ଜିଲା ଟପର ହୋଇଛନ୍ତି । ସେହିପରି ସିନାପାଲି ବ୍ଲକ ସିଙ୍ଗଝରର ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ର ତ୍ରିବିକ୍ରମ ରଣା ୫୫୧ ଓ କୋମନା ବ୍ଲକ ସିଆଲଲଟି ଉଚ୍ଚ ବିଦ୍ୟାଳୟ ସିଆଲଲଟିର ଛାତ୍ର ଶକ୍ତି ରଞ୍ଜନ ବିଶ୍ୱାଳ ୫୪୧ ମାର୍କ ରଖି ରଖି ଜିଲା, ବିଦ୍ୟାଳୟ ଓ ଗାଁ ପାଇଁ ଗୌରବ ଆଣିଛନ୍ତି । ଜିଲା ଟପର ହୋଇଥିବା ଜୟ ପ୍ରକାଶ ବିଜ୍ଞାନ ଅଧ୍ୟୟନ କରିବି । ଆଗକୁ କଣ କରିବି ଏ ପର୍ଯ୍ୟନ୍ତ ଚିନ୍ତା କରି ନାହିଁ। ବିଜ୍ଞାନ ଯୁକ୍ତ ୨ ପରେ ଚିନ୍ତା କରାଯିବ ବୋଲି କହିଛନ୍ତି । ୫୪୧ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଶକ୍ତି ରଞ୍ଜନ ମୁଁ ପାଠ ପଢି ବୈଜ୍ଞାନିକ ହେବି ବୋଲି ତାଙ୍କ ପ୍ରତିକ୍ରିୟା ରଖିଛନ୍ତି ।

## ଧନୁତୀର ମାଡରେ ଯୁବକ ମୃତ ଘଟଣା,ଅଭିଯୁକ୍ତ ଗିରଫ

ନୂଆପଡା/କୋମନା,୨୬ ।୫
(ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ଥାନା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ପଞ୍ଚାୟତ ଦାଥୁନାମ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଥିଲା । ସୁନାବେଡା ପଂଚାୟତ ଦାଥୁନାମା ଗାଁର ଜଲାରାମ ପହରିଆ (୩୨)ଙ୍କ ଧନୁତୀର ମାଡରେ ସୁନାବେଡା ପଂଚାୟତ ଖଡାଙ୍ଗ ଗାଁ ର ରାମଚନ ପହରିଆ (୩୨)ଙ୍କ ମୃତ୍ୟୁ ଘଟିଥିଲା। ମାଓବାଦୀ ପ୍ରବଣ ଅଂଚଳ ହୋଇଥିବାରୁ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ପାରି ନ ଥିଲା। ରବିବାର ସକାଳେ କୋମନା ପୋଲିସ ଘଟଣା ସ୍ଥଳକୁ ପହଂଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଅଭିଯୁକ୍ତ ଜଲାରାମ ପହରିଆକୁ ଗିରଫ କରି ଥାନାରେ ଅଟକ ରଖି ପଚାରା ଉଚରା କରୁଛି। ଦାଥୁନାମା ଗାଁର ଜଲାରାମ ପହରିଆ ଓ ଖଡାଙ୍ଗ ଗାଁର ରାମଚନ ପହରିଆଙ୍କ ମଧ୍ୟରେ ପୂର୍ବଶତ୍ରୁତା ଲାଗି ରହିଥିଲା । ଯେଉଠି ଦେଖିଲେ ଦୁଇ ଜଣକ ମଧ୍ଧରେ ବସଚା ଲାଗି ରହିଥାଏ। ଶନିବାର ରାମଚନ କୌଣସି କାମରେ ଦାଥୁନାମା ଗାଁକୁ ଆସିଥିଲେ । ରାମଚନକୁ ଦେଖିଲା ପରେ ଜଲାରାମ ଉତ୍ତ୍ୟକ୍ତ ହୋଇଥିଲେ।

## ଚର୍ଚ୍ଚାରେ ମେଦିନୀପୁର ପଞ୍ଚାୟତ ହାଇସ୍କୁଲ

ଭବାନୀପାଟଣା,୨୬।୫(ଉତ୍ତମ କୁମାର ଦାଶ)

**୨ବର୍ଷରେ ୨ଜିଲା ଟପ୍ପର**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ପେଟିଭ-୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହାରି ଭିତରେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତ ହାଇସ୍କୁଲ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଗତବର୍ଷ ଏହି ସ୍କୁଲର ଛାତ୍ରୀ ପ୍ରିୟଦର୍ଶିନୀ ନାଏକ ଜିଲା ଟପ୍ପର ହୋଇଥିବାବେଳେ ଚଳିତବର୍ଷ ମଧ ଏହି ସ୍କୁଲର ଛାତ୍ର ଯତ୍ନବାନ ସାହୁ ଜିଲା ଟପ୍ପର ହୋଇଛନ୍ତି। ଏହାସହ ଏହି ସ୍କୁଲର ଛାତ୍ର ଯତ୍ନବାନ ସାହୁଙ୍କ ସମେତ ୨ଜଣ ଛାତ୍ରୀ ଜଶମିନ ପଧାନ ଓ ଖୁସୁବୁ ମେହେର ମଧ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି। ଗତ ୨ବର୍ଷରେ ଏହି ସ୍କୁଲର ୨ଜଣ ଛାତ୍ରୀଛାତ୍ର ଜିଲା ଟପ୍ପର ହେବା ଘଟଣା ଜିଲାର ଶିକ୍ଷାପ୍ରେମୀଙ୍କ ମଧରେ ଖୁସିର ଲହିରୀ ଖେଳିଯାଇଛି। ସ୍କୁଲରେ ଦିଆଯାଉଥିବା ଗୁଣାତ୍ମକ ଶିକ୍ଷାଦାନ ଛାତ୍ରୀଛାତ୍ରଙ୍କ ସଫଳତାର ମୂଳମନ୍ତ୍ର ବୋଲି ମେଦିନୀପୁର ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶିଲ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଦ୍ୱାଦଶ ପରୀକ୍ଷାରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା



ବିଜ୍ଞାନରେ ଟପ୍ପର ହୋଇଥିବା ଛାତ୍ର ମକରଧ୍ୱଜ ବେହେରା ଓ ବାଣିଜ୍ୟରେ ଟପ୍ପର ହୋଇଥିବା ଛାତ୍ର କେଶବ କୁମାର ଅଗ୍ରୱାଲ।

ଭବାନୀପାଟଣା, ୨୬।୫ (ଉତ୍ତମ କୁମାର ଦାଶ)

ଚଳିତ ବର୍ଷର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳାଫଳ ରବିବାର ଅପରାହ୍ନରେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ଅର୍ଜନ କରିଛନ୍ତି । କଲେଜର ବିଜ୍ଞାନ ବିଭାଗରେ ମୋଟ ୨୩୦ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ମକରଧଜ ବେହେରା ୯୦.୫ ପ୍ରତିଶତ ମାର୍କ ରଖି ଜିଲା ତଥା କଲେଜ ପାଇଁ ଗୌରବ ଆଣିଛନ୍ତି। ସେହିପରି ଶିବ ସୁନ୍ଦର ବଛା ଓ ସୁମିତ କୁମାର ଗ୍ରହାଚାର୍ଯ୍ୟ ଉଭୟେ ୯୦ ପ୍ରତିଶତ ମାର୍କ ରଖିଛନ୍ତି । କଲେଜର ଦୁଇଶହ ଛାତ୍ରୀଛାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ମଧ ଏହି କଲେଜର ୧୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ କେଶବ କୁମାର ଅଗ୍ରୱାଲ ୮୮ପ୍ରତିଶତ ମାର୍କ ରଖି ଜିଲାରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି ।

ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ କଲେଜର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡିଶା ଡି. ନାଗେଶର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଏକାଡେମିକ ଇନଚାର୍ଜ ଡି.ବିଜୟା, କଲେଜ ଅଧକ୍ଷ ଯୁବରାଜ ନାୟକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ଓ ଶୁଭେଚ୍ଛା ଜଣାଇଛନ୍ତି।

## ମାଟ୍ରିକ ପରୀକ୍ଷା: କଳାହାଣ୍ଡି ଜିଲାରେ ପାସ୍ ହାର ୯୪.୮୬%


ଜିଲା ଟପ୍ପର ଯତ୍ନବାନ ସାହୁ






ଏ-୧ ଗ୍ରେଡ ପାଇଥିବା ଛାତ୍ରୀଛାତ୍ର ବାମରୁ ଜଶମିନ୍ ପଧାନ, ଖୁସୁବୁ ମେହେର, ସୁପ୍ରଭା ନାଏକ, ପ୍ରଭାସ ନାଏକ, ଚୁମନଲାଲ ବୁଡେକ

ଭବାନୀପାଟଣା,୨୬।୫(ଉତ୍ତମ କୁମାର ଦାଶ)

**ଯତ୍ନବାନ ସାହୁ କଳାହାଣ୍ଡି ଟପ୍ପର**

**ଏ-୧ ଗ୍ରେଡରେ ୬ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ପେଟିଭ-୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ଚଳିତ ବର୍ଷ ୯୪.୮୬% ମାଟ୍ରିକ ପାସ୍ ହାର ରହିଛି। ଗତ ବର୍ଷ ୯୬.୫୦% ପାସ୍ ହାର ରହିଥିବାବେଳେ ଏଥର କିନ୍ତୁ ଜିଲାରେ ପାସ୍ ହାର କମ୍ ରହିଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାର ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତ ହାଇସ୍କୁଲର ଛାତ୍ର ଯତ୍ନବାନ ସାହୁ ସର୍ବାଧିକ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ମୋଟ ୫୪୬(୯୧%)ନଂ ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲାରେ ଚଳିତ ବର୍ଷ ଏ-୧ ଗ୍ରେଡରେ ୬ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଭବାନୀପାଟଣା ସଦର ବ୍ଲକ ମେଦିନୀପୁର ପଞ୍ଚାୟତ ହାଇସ୍କୁଲର ଛାତ୍ର ଯତ୍ନବାନ ସାହୁ,୫୪୬ ନଂ(୯୧%) ରଖିଥିବାବେଳେ ଛାତ୍ରୀ ଜଶମିନ ପଧାନ, ଖୁସୁବୁ ମେହେର, ଥୁଆମୁଲ ରାମପୁର ବ୍ଲକ ଗୋପାଳପୁର ଏସଏସଡି ବାଳିକା ହାଇସ୍କୁଲର ଛାତ୍ରୀ ସୁପ୍ରଭା ନାଏକ, ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରଭାସ ନାଏକ ଓ ଧର୍ମଗଡ ବ୍ଲକ ସନ୍ଦିକୁଲିହାରୀ ହାଇସ୍କୁଲର ଛାତ୍ର ଚୁମନଲାଲ ବୋଡେକ ପ୍ରମୁଖ ୫୪୦ନଂ(୯୦%)ରଖିଛନ୍ତି। ସଫଳ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ କଳାହାଣ୍ଡି ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ କାମନା କରିଛନ୍ତି।

## ସଂକ୍ଷେପରେ

### ଜମଲା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

ପଦ୍ମପୁର,୨୬।୫(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋରାସମ୍ବର ଅଧୀନ ଜମଲା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ୧୦୧ଜଣ ଶିକ୍ଷାର୍ଥୀଙ୍କ ମଧ୍ୟରୁ ସରସ୍ୱତୀ ପଧାନ ୫୪୦ ନମ୍ବର ରଖି ଏ-୧ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏ-୨ରେ ୪ଜଣ, ବି-୧୮ଜଣ, ବି-୨ ୨୪, ସି-୩୨, ଡି-୩୪ ଓ ଇରେ ୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା ସମସ୍ତ ସହଯୋଗୀ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ପରିଚାଳନା ସମିତି ପକ୍ଷରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ମାଟ୍ରିକ ପରୀକ୍ଷାଫଳ: ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା



ସରଣ୍ଡା,୨୬।୫ (ଯୁଧିଷ୍ଠିର ମହାପାତ୍ର)

ରବିବାର ପ୍ରକାଶିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ବରଗଡ଼ ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ କରିଛି। ଉକ୍ତ ପରୀକ୍ଷାରେ ଜିଲାର ଅତାବିରା ବ୍ଲକ ଲାଦେରପାଲିସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଶୁଭଙ୍କର ସାହୁ ଜିଲାରେ ସର୍ବାଧିକ ୫୮୩ ମାର୍କ(୯୭.୧୭ ପ୍ରତିଶତ) ରଖି ଜିଲା ଟପ୍ପର ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ କୃତୀଛାତ୍ରୀ ଶୁଭଙ୍କରଙ୍କ ବାସଭବନକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଆଟିଭର୍ସ ହେଲପିଂ ଫାଉଣ୍ଡେଶନର ସଭାପତି ଦିବାକର ମାଝି ମଧ୍ୟ ଶୁଭଙ୍କରଙ୍କୁ ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ଭେଉଁରିଆ ଛକ ସଂକୁଚିତ, ପ୍ରଶାସନ କୁଣ୍ଠିତ

ପଦ୍ମପୁର,୨୬।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ମୁଖ୍ୟ ଛକ ଭେଉଁରିଆ ଛକରେ ଏବେ ସ୍ୱୟଂ ଚାଳିତ ଟ୍ରାଫିକ କଣ୍ଟ୍ରୋଲ ବ୍ୟବସ୍ଥା କରାହୋଇଛି। ଏହି ବ୍ୟବସ୍ଥା ହେବା ଦ୍ୱାରା ଟ୍ରାଫିକ ସମସ୍ୟାର ସୁଧାର ହେବ ବୋଲି ଅନୁମାନ କରାଯାଉଥିଲା ମାତ୍ର ଏହା ଓଲଟା ହେଉଛି। ଛକରେ ଅନଧିକାର ଭାବେ ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ଅଟୋରିକ୍ସା ଓ ଚାରିଚକିଆ ଯାନ ରଖି ଦେଉଥିବାରୁ ଲୋକମାନେ ଟ୍ରାଫିକ ଭିତରେ ଫସି ଯାଉଛନ୍ତି। ଏହାସହିତ ଟ୍ରାଫିକ ବ୍ୟବସ୍ଥା ର ମଧ ଉଲ୍ଲଂଘନ କରୁଛନ୍ତି। ଏ ସଂପର୍କରେ ପ୍ରଶାସନ ଦୃଷ୍ଟି ଦେଇ ଭେଉଁରିଆ ଛକ ର ଅନଧିକାର ପାର୍କିଂ ବ୍ୟବସ୍ଥା ହଟାଇବା ପାଇଁ ଦାବି ହେଉଛି।

# ସଫଳତାର ପ୍ରଥମ ପାହାଚ, ଲକ୍ଷ୍ୟସ୍ଥଳ ଆହୁରି ଦୂର

ବରଗଡ଼,୨୬।୫ (ପ୍ରେମାନନ୍ଦ ଖମାରୀ)

**ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଉକ୍ତ ପରୀକ୍ଷା ଫଳରେ ବରଗଡ଼ ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଜିଲାର ୧ ଲକ୍ଷ ୮ହଜାର ୨୭୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ଲକ୍ଷ ୭ହଜାର ୮୪୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାର ୪୮ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୨୯ଜଣ ଘରୋଇ ସ୍କୁଲର ହୋଇଥିବାବେଳେ ୧୯ଜଣ ସରକାରୀ ସ୍କୁଲର ଛାତ୍ରୀଛାତ୍ର ରହିଛନ୍ତି। ତେବେ ଜିଲାର ପରୀକ୍ଷାଫଳର ଶୀର୍ଷସ୍ଥାନରେ ରହିଥିବା କିଛି ଛାତ୍ରୀଛାତ୍ରଙ୍କୁ ଆମେ ଭେଟିଥିଲୁ। ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା...**

## ସିଭିଲ ସର୍ଭିସ ଜୀବନର ଲକ୍ଷ୍ୟ



ଅତାବିରା ବ୍ଲକ ଦେବାହାଲ ଗ୍ରାମରେ ଘର। କିନ୍ତୁ ଅତାବିରାରେ ରହୁଛୁ। ବାପା କୁଳମଣି ଚକୁଳିଫାର୍ମର ଏକ ରାଇସ ମିଲରେ ମ୍ୟାନେଜର ଥିବାବେଳେ ମା' ସରମା ଗୋଡ଼ଭଗା ଜୁବୁଲି ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ସ୍କୁଲରେ ପାଠପଢ଼ା ଏବଂ ଘରେ ହୋମୱାର୍କ କରିବାକୁ ଛାଡ଼ି ଅତିରିକ୍ତ ଦୈନିକ ୩ଘଣ୍ଟା ନିଜେ ପଢୁଥିଲି। ୯୪ରୁ ୯୫ପ୍ରତିଶତ ମାର୍କ ପାଇବି ବୋଲି ଆଶା ରଖିଥିଲି। କିନ୍ତୁ ୯୭.୧୭ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଥିବାରୁ ଖୁସି ଅନୁଭବ କରୁଛି। ଆଗକୁ ବିଜ୍ଞାନ ବିଭାଗରେ ନାମ ଲେଖାଇ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେବାକୁ ଲକ୍ଷ୍ୟ ରଖିଛି।

**-ଶୁଭଙ୍କର ସାହୁ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ଲାଦେରପାଲି**

## ବିଜ୍ଞାନ ପଢ଼ି ଡାକ୍ତର ହେବି



ମାତୃଭାଷାରେ ୯୭, ଇଂରାଜୀରେ ୯୦, ହିନ୍ଦୀରେ ୯୬, ଗଣିତରେ ୯୮, ବିଜ୍ଞାନରେ ୮୬, ସାମାଜିକ ବିଜ୍ଞାନରେ ୯୫ମାର୍କ ରଖିଛି। ବିଜ୍ଞାନରେ ଯେତିକି ମାର୍କ ରଖିବି ବୋଲି ଆଶା ରଖିଥିଲି, ସେତିକି ମିଳିନାହିଁ। ତଥାପି ପରୀକ୍ଷାଫଳରେ ୯୩.୬ ପ୍ରତିଶତ ମାର୍କ ରଖି ଖୁସି ରହିଛି। ବାପା ଶ୍ରୀମନ୍ତ ଆଡ଼ଭୋକେଟ୍ ଅଛନ୍ତି। ମା' ନିଳେନ୍ଦ୍ରୀ ଏଏନଏମ ଭାବେ କାର୍ଯ୍ୟ କରନ୍ତି। ଗୁରୁମା, ଗୁରୁଜୀଙ୍କ ଶିକ୍ଷାଦାନ ସହିତ ମା, ବାପାଙ୍କ ଦିଗଦର୍ଶନ ଯୋଗୁ ଏହି ସଫଳତା ମିଳିଛି। ଆଗକୁ ବିଜ୍ଞାନ ପଢ଼ିବି ଏବଂ ଜଣେ ଡାକ୍ତର ହୋଇ ରୋଗୀ ସେବା କରିବି ବୋଲି ଲକ୍ଷ୍ୟ ରଖିଛି।

**-ବିଶ୍ୱମୟୀ ସାହୁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରପାଲି**

## ଖେଳକୁଦ ଅପେକ୍ଷା ପାଠପଢ଼ାରେ ଅଧିକ ରୁଚି

ବାପା ଲିଙ୍ଗରାଜ ଏକ ପାନ ଦୋକାନ ଦେଇଛନ୍ତି। ମା' ଗୃହିଣୀ। ୩ ଭାଇ, ଭଉଣୀ ମଧ୍ୟରୁ ମୁଁ ପରିବାରରେ ଏକମାତ୍ର ଝିଅ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲ। ଏହାପରେ ଗ୍ରାମର ହାଇସ୍କୁଲରେ ପଢୁଥିଲି। ୯୩ ପ୍ରତିଶତ ମାର୍କ ପାଇ ଖୁସି ଅଛି। ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି। ସେଥିପାଇଁ ଖେଳକୁଦ ଅପେକ୍ଷା ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେଇ ଆସୁଛି। ଯୁକ୍ତ୨ ବିଜ୍ଞାନ ପଢ଼ିବି ଏବଂ ନିଟ୍(ମେଡ଼ିକାଲ) ପରୀକ୍ଷା ଦେବ। ସେହି ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେବି ଏବଂ ମୋର ଲକ୍ଷ୍ୟସ୍ଥାନରେ ପହଞ୍ଚି ପାରିବି ବୋଲି ଆଶା ରଖିଛି।



**-ଦିପିକା ଡନସନା, ମାଣ୍ଡୋସିଲ ସରକାରୀ ହାଇସ୍କୁଲ**

## ଇଞ୍ଜିନିୟର ହେବାକୁ ଲକ୍ଷ୍ୟ



ମାତୃଭାଷାରେ ୯୬, ଗଣିତରେ ୯୬, ସଂସ୍କୃତରେ ୯୮, ଇଂରାଜୀରେ ୯୦, ବିଜ୍ଞାନରେ ୯୧ ଏବଂ ସାମାଜିକ ବିଜ୍ଞାନରେ ୮୬ମାର୍କ ପାଇଛି। ଦୈନିକ ୭ରୁ ୮ଘଣ୍ଟା ପାଠପଢ଼ାରେ ସମୟ ଦେଉଥିଲ। ପରୀକ୍ଷାଫଳରେ ଖୁସି ଅଛି। କିନ୍ତୁ ସାମାଜିକ ବିଜ୍ଞାନରେ ଯେତିକି ମାର୍କ ପାଇବି ବୋଲି ଆଶା ରଖିଥିଲି, ସେତିକି ମିଳିପାରି ନାହିଁ। ତଥାପି ୯୨.୮୩ ପ୍ରତିଶତ ମାର୍କ ରଖି ଖୁସି ଅଛି। ବାପା ସତ୍ୟନାରାୟଣ ଶିକ୍ଷକ ଥିବାବେଳେ ମା' ମମତା ଗୃହିଣୀ। ଗୁରୁମା, ଗୁରୁଜୀଙ୍କ ସମେତ ମା, ବାପାଙ୍କ ଆଶୀର୍ବାଦ ଏବଂ ଦିଗଦର୍ଶନ ଯୋଗୁ ଏହି ସଫଳତା ମିଳି ପାରିଛି। ଆଗକୁ ଜଣେ ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛି।

**-ଦିବ୍ୟାଂଶୁ ରଥ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼**

## ସଫଳତାରେ ଆଈ, ଅଜାଙ୍କ ଦିଗ୍‌ଦର୍ଶନ



ସାମାଜିକ ବିଜ୍ଞାନରେ ଯେତିକି ମାର୍କ ପାଇବି ବୋଲି ଆଶା ରଖିଥିଲି, ସେତିକି ମିଳିପାରି ନାହିଁ । ତଥାପି ପରୀକ୍ଷାଫଳରେ ୯୨.୫୦ ପ୍ରତିଶତ ମାର୍କ ରଖି ଖୁସି ଅନୁଭବ କରୁଛି। ବାପା ଅନୁପ ଜଣେ ଆଡ଼ଭୋକେଟ୍, ମା ମନ୍ଦାକିନୀ ଗୃହିଣୀ। ତେବେ ମା, ବାପାଙ୍କ ସହିତ ଆଈ ଦ୍ରୌପଦୀ ଏବଂ ଅଜା ସୁଶାନ୍ତ ପାଠପଢ଼ା ପାଇଁ ମୋତେ ଅଧିକ ଉତ୍ସାହିତ କରି ଆସୁଛନ୍ତି। ପାଠପଢ଼ା ବ୍ୟତୀତ ଖେଳକୁଦରେ ମଧ୍ୟ ମୋର ରୁଚି ରହିଛି। ଆଗକୁ ଜଣେ ଡାକ୍ତର ହୋଇ ରୋଗୀସେବା ପାଇଁ ଲକ୍ଷ୍ୟ ରଖିଛି। ଲକ୍ଷ୍ୟସ୍ଥଳୀକୁ ଛୁଇଁବାକୁ ଆଗକୁ ଆହୁରି ପରିଶ୍ରମ କରିବି।

**-ଶ୍ରୀୟାଂଶ କୁମାର ଶତପଥୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ବରଗଡ଼**

## ପରିବେଶ ସୁରକ୍ଷା ଜୀବନର ଲକ୍ଷ୍ୟ



ବରଗଡ଼ ଜିଲା କାଣ୍ଡପାଲି ଗ୍ରାମର ଘର। ବାପା ମନୋଜ ଖଇରପାଲି ସ୍କୁଲରେ ଶିକ୍ଷକତା କରୁଛନ୍ତି। ମା' ସନ୍ତୋଷିନୀ ଗୃହିଣୀ। ଗଣିତରେ ୯୬ମାର୍କ ପାଇବି ବୋଲି ଆଶା ରଖିଥିଲି । କିନ୍ତୁ ୮୭ମାର୍କ ପାଇଛି। ତଥାପି ପରୀକ୍ଷାଫଳରେ ୯୨.୩୫ ପ୍ରତିଶତ ମାର୍କ ରଖି ଖୁସି ଅଛି। ଯୁକ୍ତ୨ ବିଜ୍ଞାନରେ ନାମ ଲେଖାଇବାକୁ ନିଷ୍ପତ୍ତି ନେଇଛି। ମାଟ୍ରିକ ପରୀକ୍ଷାଫଳଠାରୁ ଯୁକ୍ତ୨ ପରୀକ୍ଷାଫଳ ଯେଭଳି ଆହୁରି ଭଲ ହେବ, ସେଥିପାଇଁ ଏବେଠାରୁ ପ୍ରୟାସ ଜାରି ରଖିବି। ଉଚ୍ଚଶିକ୍ଷା ଲାଭ କରିବି ଏବଂ ପରିବେଶ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବି।

**-ଅର୍ପଣ ଲକ୍ଷ୍ମଣ ଭୋଇ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ଲାଦେରପାଲି**

# ମାଟ୍ରିକ୍ ପରୀକ୍ଷାଫଳ: ସୋହେଲା ବ୍ଲକରେ ପାସ୍ ହାର ୯୮.୮୦%

## ରାଶି ତିୱାରୀ ପ୍ରଥମ, ୫ଜଣ ଏ-୧ ଗ୍ରେଡ୍ ପାଇଲେ

ସୋହେଲା,୨୬।୫ (ଅଶ୍ୱିନୀ କୁମାର ପାତ୍ର)



ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ବରଗଡ଼ ଜିଲା ସୋହେଲା ବ୍ଲକରେ ମୋଟ ୧୭୫୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୭୩୨ଜଣ ପାସ କରିଛନ୍ତି। ପାସହାର ୯୮.୮୦% ରହିଛି। ସୋହେଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଶି ତିୱାରୀ ମୋଟ ୫୫୨ ମାର୍କ ରଖି ସୋହେଲା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସରସ୍ୱତୀ ଶିଶୁ ମନ୍ଦିର ସୋହେଲାର ଛାତ୍ରୀ ବବିତା ବୁଧିଆ ୫୪୬ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ହିତେଶ ପଣ୍ଡା, ଦେବ ଆଚାର୍ଯ୍ୟ, ସୋହେଲା ଶିଶୁମନ୍ଦିର ଛାତ୍ରୀ ଶ୍ରୁତି ମହାପାତ୍ର ସମସ୍ତେ ୫୪୦ ଲେଖାଏ ମାର୍କ ରଖି ଏ-୧ ଗ୍ରେଡ ରଖିଛନ୍ତି। ସୋହେଲା ବ୍ଲକର ମୋଟ ୨୯ଟି ହାଇସ୍କୁଲରୁ ୧୪ଟି ହାଇସ୍କୁଲରେ ୧୦୦% ପାସ ହାର ରହିଛି।

## ପରିତ୍ୟକ୍ତ ବାମନି ବନ୍ଧର ପୁନରୁଦ୍ଧାର ଦାବି



ପଦ୍ମପୁର ବାମନି ବନ୍ଧ।

ପଦ୍ମପୁର,୨୬।୫ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଏନ୍ଏସିରେ ଥିବା ବାମନି ବନ୍ଧ ଦୀର୍ଘ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ପୋଖରୀ ସାରା ଅଳିଆ ଆବର୍ଜନା ସହିତ ପଦ୍ମ ଓ ଦଳରେ ଭର୍ତ୍ତି ହୋଇଯାଇଛି। କିଛି ବର୍ଷ ପୂର୍ବରୁ ଏହି ପୋଖରୀରେ ଗାଧୋଇବା ପାଇଁ ଶହଶହ ଲୋକ ନିର୍ଭର କରୁଥିଲେ। ମାତ୍ର ଏବେ ପୋଖରୀ ପାଣି ଅତ୍ୟନ୍ତ ଦୁର୍ଗନ୍ଧ ହେବା ସହିତ ପୋଖରୀ ହୁଡା ଅତ୍ୟନ୍ତ ଆବର୍ଜନା ହୋଇଛି। ଏହାର ପୁନରୁଦ୍ଧାର ପାଇଁ ପଦ୍ମପୁର କାଉନସିଲର ବୈଠକରେ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲେ ମଧ ତାହା କାର୍ଯ୍ୟ ରେପରିଣତ ହେଉନାହିଁ। କେବଳ ଏହି ପୋଖରୀର ହୁଡରେ ଆମ ପୋଖରୀ ଜଳାଶୟ ନବୀକରଣ ଯୋଜନାର ଏକ ସାଇନ ବୋର୍ଡ ଟଙ୍ଗା ଯାଇଛି। ପଦ୍ମପୁର ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏହାର ପୁନରୁଦ୍ଧାର ପାଇଁ ସାଧାରଣରେ ଦାବି ହେଉଛି।

# ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ବରପାଲି,୨୬।୫ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ସତଲମା ଗ୍ରାମପଞ୍ଚାୟତ ବିଶିପାଲି ଗ୍ରାମରେ ଗୌତମ ବୁଦ୍ଧ ତଥା ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦଳିତ ରତ୍ନ ଶିବଲାଲ ତାଣ୍ଡିଆ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ଅଧାପକ ରବୀନ୍ଦ୍ର କୁମାର ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଆମ୍ବେଦକର ସ୍ମୃତି କମିଟି ସଭାପତି ଅରକ୍ଷିତ ମହାନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ତରଣି ସେନ ସୁନା, ମୁଖ୍ୟବକ୍ତା ଭାବେ ଲୋକନାଥ ବାଗ, ପ୍ରଫୁଲ୍ଲ କୁମ୍ଭାର, ସୁନୀଲ ନନ୍ଦ ପ୍ରମୁଖ ଯୋଗଦେଇ ବୁଦ୍ଧ, ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ବାଲ କିଶୋର ଖାଡଙ୍ଗା, ଶିବ ଲାଲ ତାଣ୍ଡିଆ, ସୁଦାମ ସୁନା, ଅଧ୍ୟାପକ ଲୋକବନ୍ଧୁ ପ୍ରଧାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ତଥା ଛାତ୍ରୀ ଶୁଭଶ୍ରୀ ମହାନନ୍ଦ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଏହି ସଭାରେ ଆଖ ପାଖ ଅଞ୍ଚଳରୁ ବହୁ ଦର୍ଶକ ଯୋଗଦେଇଥିଲେ।




ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନାମଯଜ୍ଞରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୬।୫ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବରପଦର ଗ୍ରାମବାସୀ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ରବିବାର ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ନିର୍ବାଚନ ସରିବା ପରେ ଗ୍ରାମରେ ଅନୁଷ୍ଠିତ ହେଉଥିବା ନାମଯଜ୍ଞରେ ଯୋଗଦେବା ଅବସରରେ ଗ୍ରାମବାସୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମବାସୀ ଉଭୟ ଆଚାର୍ଯ୍ୟ ଏବଂ ନାଏକଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମକୁ ପାଛୋଟି ନେଇଥିଲେ ଏବଂ ଏହାପରେ ସେମାନେ ନାମଯଜ୍ଞରେ ସାମିଲ ହୋଇଥିଲେ। ନାମଯଜ୍ଞରେ ଯୋଗଦେଇଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଦିଗରେ ଅନୁଦାନ ଯୋଗାଇ ଦେବା ପାଇଁ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମରେ ନିଶ୍ଚିତ ଭାବେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ ବୋଲି ବିଧାୟକ ଆଚାର୍ଯ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।



ନାମଯଜ୍ଞରେ ବରଗଡ଼ ବିଧାୟକ ପ୍ରସାଦ ବଣ୍ଟନ କରୁଛନ୍ତି ।

# ଯୁକ୍ତ ୨ ପରୀକ୍ଷାରେ ବିକାଶର ବାଜିମାତ୍



ପ୍ରୀତମ କୁମାର ପାଣିଗ୍ରାହୀ



ସିଦ୍ଧି ସାହୁ



କ୍ରିଶୁ ସାଲୁଜା



ସତ୍ୟମ ସାଇ ପୃଷ୍ଟି



ନରେନ୍ଦ୍ର ସାହୁ



ଆୟୁଷ୍ମନ୍ତ ପୁରୋହିତ

ବରଗଡ଼,୨୬।୫ (ପ୍ରେମାନନ୍ଦ ଖମାରୀ)

- **ଶିକ୍ଷାନୁଷ୍ଠାନର ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ**
- **ବିଜ୍ଞାନରେ ସିଦ୍ଧି, ବାଣିଜ୍ୟରେ ପ୍ରୀତମ ଟପ୍ପର**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳରେ ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବରଗଡ଼ ଶାଖାର ବିଜ୍ଞାନରେ ବେଲପଡ଼ା କାନୁଟ ନିବାସୀ ପ୍ରକାଶ ସାହୁ ଏବଂ ଝରଣା ସାହୁଙ୍କ ଝିଅ ସିଦ୍ଧି ୫୫୫ମାର୍କ(୯୨.୫ପ୍ରତିଶତ) ଏବଂ ବାଣିଜ୍ୟରେ ଉଲୁଣ୍ଡା ନିବାସୀ ପବିତ୍ର ପାଣିଗ୍ରାହୀ ଓ ପ୍ରମୋଦିନୀ ପଣ୍ଡାଙ୍କ ପୁଅ ପ୍ରୀତମ କୁମାର ୫୫୯ ମାର୍କ (୯୩.୧୭%) ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ସତ୍ୟମ ସାଇ ପୃଷ୍ଟି ୫୪୮, ଆୟୁଷ୍ମନ୍ତ ପୁରୋହିତ ୫୪୦, ଚିନ୍ମୟୀ ହୋତା ୫୩୮, ଆର୍ଯ୍ୟନ ଶେଖର ମେହେର ୫୩୮, କ୍ରୀଶ ମେହେର ୫୩୦, ବିପ୍ରାଂଶୁ ପ୍ରଧାନ ୫୨୯, ପ୍ରୀତମ କୁମାର ପ୍ରଧାନ ୫୨୮, ଇପ୍‌ସିତା ମହାକୁର ୫୨୬, ବର୍ଷା ରଣା ୫୨୪, ଅମିତ ମେହେର ୫୨୧, ପାୟଲ ପଣ୍ଡା ୫୨୧ ମାର୍କ ରଖିଛନ୍ତି। ବାଣିଜ୍ୟରେ କ୍ରିଶୁ ସାଲୁଜା ୫୪୯, ନରେନ୍ଦ୍ର ସାହୁ ୫୪୫, ଅଭିଷେକ ଅଗ୍ରୱାଲ ୫୩୭, ରାଜଶ୍ରୀ ମେହେର ୫୨୭, ଅଶ୍ରିତ ବଢ଼େଇ ୫୨୪, ସୁମିତ ରଞ୍ଜନ ସାହୁ ୫୨୩, ସଲୋନୀ ରଏ ୫୨୧ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ବିଜ୍ଞାନରେ ୪୦ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ, ୬୬ଜଣ ଛାତ୍ରୀଛାତ୍ର ୮୦%ରୁ ଉର୍ଦ୍ଧ୍ୱ ମାର୍କ ଏବଂ ୩୦୨ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରି ପାରିଛନ୍ତି ବୋଲି ଅଧ୍ୟକ୍ଷ ନାରାୟଣ ରଥ କହିଛନ୍ତି। ବାଣିଜ୍ୟ ପରୀକ୍ଷାରେ ୧୨ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ, ୧୫ଜଣ ଛାତ୍ରୀଛାତ୍ର ୮୦%ରୁ ଉର୍ଦ୍ଧ୍ୱ ମାର୍କ ଏବଂ ୨୩ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି ବୋଲି ବିଦ୍ୟାଳୟ ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତା ରାଓ ପ୍ରକାଶ କରିଛନ୍ତି। ପଦାର୍ଥ ବିଜ୍ଞାନରେ ସନତ କୁମାର ମିଶ୍ର, ସତ୍ୟମ ସାଇ ପୃଷ୍ଟି, ଅନୁପମ ମେହେର, ଆର୍ଯ୍ୟନ ଶେଖର ମେହେର, ଆୟୁଷ୍ମନ୍ତ ପୁରୋହିତ, ପ୍ରିତମ କୁମାର ପ୍ରଧାନ, ରତ୍ନାକର ମେହେର, ରିତିତୃଷ୍ଣା ଭୋଇ ଶତ ପ୍ରତିଶତ ମାର୍କ ରଖିଥିବାବେଳେ ବାଣିଜ୍ୟ (ଏକାଉଣ୍ଟେନ୍ସି)ରେ ନରେନ୍ଦ୍ର ସାହୁ ଶତ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ସଲୋନୀ ରଏ ବିଜନେସ ଷ୍ଟଡିଜ୍‌ରେ, ନରେନ୍ଦ୍ର ସାହୁ, ଅଶ୍ରିତ ବଢ଼େଇ, ରଶ୍ମି ମେହେର ମ୍ୟାଥମେଟିକ୍ସରେ ଏବଂ ରାଜଶ୍ରୀ ମେହେର ମ୍ୟାନେଜମେଣ୍ଟ ଆକାଉଣ୍ଟେନ୍ସିରେ ଶତ ପ୍ରତିଶତ ମାର୍କ ରଖିଛନ୍ତି।

କ୍ରୀଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ଚଳିତ ଜେଇଇ ମେନ୍ ପରୀକ୍ଷାରେ ୯୮ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୨ ଛାତ୍ରୀଛାତ୍ର, ୯୭ %ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୪ ଛାତ୍ରୀଛାତ୍ର, ୯୫ %ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୬ଛାତ୍ରୀଛାତ୍ର, ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୯ ଛାତ୍ରୀଛାତ୍ର ଏବଂ ସତ୍ୟମ ସାଇ ପୃଷ୍ଟିଙ୍କୁ ଜେଇଇ ମେନ୍ ପରୀକ୍ଷାରେ ରସାୟନ ବିଜ୍ଞାନରେ ଶତ ପ୍ରତିଶତ ମାର୍କ ରଖିଥିବାରୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସେହିପରି ଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ସନତ କୁମାର ମିଶ୍ର ୭୦୦ ମାର୍କ, ସତ୍ୟମ ସାଇ ପୃଷ୍ଟି ୬୮୫ମାର୍କ, ଆୟୁଷ୍ମନ୍ତ ପୁରୋହିତ ୬୩୦ମାର୍କ, ବିପ୍ରାଂଶୁ ପ୍ରଧାନ ୬୨୩ ମାର୍କ ରଖିବେ ବୋଲି ସେ ଆଶା ପୋଷଣ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦିଏ ବୋଲି କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା କହିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏବଂ ସିନିୟର ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ଉଭୟ ପକ୍ଷରୁ ୩ଟି ମାମଲା ରୁଜୁ

**ଜମନକିରାରେ ନିର୍ବାଚନୀ ହିଂସା ଘଟଣା**

ଜମନକିରା,୨୬।୫(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା କ୍ଷେତ୍ର ଅଧୀନ ଜମନକିରା ବ୍ଲକ ସଦର ମହକୁମାରେ ଶନିବାର ମତଦାନ ବେଳେ ଘଟିଥିବା ନିର୍ବାଚନ ହିଂସା ଘଟଣାରେ ପୋଲିସ ୩ଟି ମାମଲା ରୁଜୁ କରିଛି। ବିଜେଡି ନେତା ଶୁଭ୍ରଜିତ ଖୁଣ୍ଟିଆ ଓରଫ ମିଲନଙ୍କୁ ମାଡ ମାରିବା ଅଭିଯୋଗ ହୋଇଥିଲା। ତାଙ୍କ ଏତଲା ଆଧାରରେ ଭାଜପା କର୍ମୀ ମଳୟ ଦେହୁରୀଙ୍କ ନାମରେ ଦଫା ୨୯୪, ୩୪୧, ୩୨୩, ୫୦୬ରେ ଏକ ମାମଲା (୧୦୨/୨୪)ରୁଜୁ କରିଛି। ଅନ୍ୟପକ୍ଷରେ ପ୍ରତିପକ୍ଷ ଭାଜପା କର୍ମୀ ମଳୟ ଦେହୁରୀଙ୍କ ଘରକୁ ଯାଇ ତାଙ୍କ ମା'ଭଉଣୀଙ୍କୁ ଶୁଭ୍ରଜିତ ଖୁଣ୍ଟିଆ ଓ ତାଙ୍କର ୧୨ଜଣ ସହଯୋଗୀ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ମଳୟଙ୍କ ମା' ବିମଳା ଦେହୁରୀଙ୍କ ଏତଲା ଆଧାରରେ ଦଫା ୨୯୪, ୩୪୧, ୩୨୩, ୩୫୪, ୫୦୬(୩୪)୩ ଆର୍ ବି(୧)(୨) (ଭିଏ) ଏସ୍‌ଟି/ଏସ୍‌ସି ଆକ୍ଟରେ ଏକ ମାମଲା(୧୦୩/୨୪)ରୁଜୁ କରାଯାଇଛି। ସେହିପରି ମଳୟଙ୍କ ସାଙ୍ଗ ସୁଜିତ ସାହୁଙ୍କୁ ଶୁଭ୍ରଜିତ ଖୁଣ୍ଟିଆ ମାଡ଼ ମାରିବା ଅଭିଯୋଗ ହୋଇଥିଲା। ସୁଜିତଙ୍କ ଏତଲା ଆଧାରରେ ଦଫା ୩୪୧, ୩୨୩, ୨୯୪, ୫୦୬,୩୪ରେ ଏକ ମାମଲା (୧୦୪/୨୪)ରୁଜୁ କରାଯାଇଛି। ତିନିଟି ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା କହିଛନ୍ତି। ପୋଲିସ ସୂଚନା ଅନୁଯାଇ, ଶନିବାର ଜମନକିରା ସଦର ମହକୁମା ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ ଚାଲିଥିବା ବେଳେ ବିଜେଡ଼ି ନେତା ଶୁଭ୍ରଜିତ ଖୁଣ୍ଟିଆ ଟଙ୍କା ବାଣ୍ଟିବା ଅଭିଯୋଗ ପରେ ଭାଜପା କର୍ମୀ ମଳୟ ଦେହୁରୀ ତାଙ୍କ ମାଡ଼ ମାରିଥିଲେ। ଏଥିରେ କ୍ରୋଧିତ ହୋଇ ଶୁଭ୍ରଜିତ କେତେଜଣ ଯୁବକଙ୍କୁ ନେଇ ମଳୟଙ୍କ ଘରକୁ ଯାଇଥିଲେ। ସେଠାରେ ମଳୟଙ୍କୁ ନ ପାଇ ତାଙ୍କ ମା, ଭଉଣୀ ଏବଂ ତାଙ୍କ ସାଙ୍ଗ ସୁଜିତ ସାହୁଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଉଭୟ ପକ୍ଷର ଅଭିଯୋଗ ଆଧାରରେ ୩ଟି ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ୩ ଗୋରୁ ମୃତ

ଦେବଗଡ଼,୨୬।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ବଣିଆଁକିଲିଣ୍ଡା ଗ୍ରାମପଞ୍ଚାୟତ ପଳସାକୁଦର ଗ୍ରାମରେ ରବିବାର ତଳକୁ ଝୁଲି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଟି ଗୋରୁ ମୃତ୍ୟୁବରଣ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ପଳସାକୁଦର ଗ୍ରାମରେ ଥିବା ନୋଟରେ ଡେମ ଏକାଡେମୀ ଶିକ୍ଷାନୁଷ୍ଠାନ ଅନତି ଦୂରରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ତାର ତଳକୁ ଝୁଲି ପଡିଥିବା ବେଳେ ଉକ୍ତ ତାର ସଂସ୍ପର୍ଶରେ ଆସି ୩ଟି ଗୋରୁ ମୃତ୍ୟୁ ଘଟିଥିବା ସନ୍ଧ୍ୟାରେ ଜଣାପଡିଥିଲା। ମୃତ ଗୋରୁ ମଧ୍ୟରେ ନିକଟସ୍ଥ ଖଣ୍ଡାଧୂଆଁ ଗ୍ରାମର କେତନ ଉଦାବରଙ୍କ ଗୋଟିଏ ବଳଦ, ଯାତ୍ରା ବାଉଲାଙ୍କ ଗୋଟିଏ ବଳଦ ଓ ଧରଣୀ ମୁଣ୍ଡାଙ୍କ ଗୋଟିଏ ଗାଈ ରହିଥିବା ଜଣାପଡିଛି। ବିଦ୍ୟୁତ୍‌ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଦୁର୍ଘଣା ଘଟିଥିବା ଦର୍ଶାଇ ବିଭାଗ ପକ୍ଷରୁ ସେମାନଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ପାଇଁ କ୍ଷତିଗ୍ରସ୍ତ ଗୋପାଳକ କେତନ, ଯାତ୍ରା ଓ ଧରଣୀ ଦାବି କରିଛନ୍ତି।

# ଅହିଂସା ବ୍ରତ ପାଳନ କରନ୍ତୁ ଛାତ୍ରୀଛାତ୍ର

**ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ**

■ଯୋଗାଭ୍ୟାସ ମାନସିକ ସ୍ଥିରତା ଆଣେ

ସମ୍ବଲପୁର,୨୬।୫(ବି.ଶଙ୍କର)



ଛାତ୍ରୀଛାତ୍ରଙ୍କ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସକାଶେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ସଭାପତିତ୍ୱ କରିଥିଲେ । ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ନୀତିଶିକ୍ଷା ପ୍ରସଙ୍ଗ ଆଲୋଚନା ହୋଇଥିଲା। ଶିକ୍ଷାବିତ ଡ. ମୀନକେତନ ପାଠୀ ଆହିଂସା କଣ, ଅହିଂସାର ପୂଜାରୀ ଭାବେ ଗୌତମ ବୁଦ୍ଧ, ମହାତ୍ମା ଗାନ୍ଧିଙ୍କ ସହିତ ଗୀତା ଓ ଉପନିଷଦର ଉଦାହରଣ ଦେଇଥିଲେ। ଆହିଂସା ବ୍ରତ ପାଳନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରସଙ୍ଗକ୍ରମେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଯୋଗଗୁରୁ ତଥା ଡାକ୍ତର ଜୟଦେବ ମେହେର ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ସେ ଅଷ୍ଟାଙ୍ଗ ଯୋଗର ବିଭିନ୍ନ ମୁଦ୍ରାକୁ ପିଲାଙ୍କ ସହ ମିଶି ଆସନ ଉପସ୍ଥାପନ କରିଥିଲେ। ଏହି ପ୍ରଶିକ୍ଷଣରେ ତାଙ୍କର ସହଯୋଗୀମାନେ ସାହାଯ୍ୟ କରି ପ୍ରତ୍ୟେହ ଘରେ ଯୋଗ ଅଭ୍ୟାସ କରି ସ୍ମରଣଶକ୍ତି ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନ ସମୟରେ ମୁଖ୍ୟ ପ୍ରସଙ୍ଗକୁ ଲେଖିନେବାକୁ ଉପଦେଶ ଦେଇଥିଲେ। ଡ. ଗିରିଧାରୀ ହୋତା, ପ୍ରଫେସର କାମଦେବ ସାହୁ, ବରିଷ୍ଠ ଖବରଦାତା ଅର୍ଜୁନରଞ୍ଜନ ପଣ୍ଡା, ବିଭୁତିଭୂଷଣ ମାଝି, ପୃଥ୍ୱୀରାଜ ମିଶ୍ର, ଗୋଲକ ବିହାରୀ ମିଶ୍ରଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ।ଶିବିରରେ ମହାନଗର ନିଗମ ଅଧିନର ୧୫ଟି ହାଇସ୍କୁଲର ୫୨ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ରାତି ୧୧ଟାରେ ସରିଲା ମତଦାନ

ସମ୍ବଲପୁର,୨୬।୫(ଭବାନୀ ଶଙ୍କର ଭୋଇ)

■ସମ୍ବଲପୁର ଲୋକ ସଭା ଅଞ୍ଚଳରେ ୭୬.୬୬% ମତଦାନ

■ଆଠମଲ୍ଲିକ ବିଧାନସଭା କ୍ଷେତ୍ରରେ ସର୍ବାଧିକ ୮୫.୪୨%, ସମ୍ବଲପୁର ବିଧାନସଭାରେ ସର୍ବନିମ୍ନ ୬୪.୪ % ମତଦାନ

■ଇଭିଏମ ଜମା କରିବାକୁ ସକାଳ ପର୍ଯ୍ୟନ୍ତ ଅପେକ୍ଷା

ଚଳିତ ନିର୍ବାଚନରେ ରେକର୍ଡ ପରିମାଣରେ ମତଦାନ ହୋଇଛି। ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ଆଠମଲ୍ଲିକ ବିଧାନସଭା କ୍ଷେତ୍ରରେ ସର୍ବାଧିକ ୮୫.୪୨ପ୍ରତିଶତ ଓ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ସର୍ବନିମ୍ନ ୬୪.୪ ପ୍ରତିଶତ ମତଦାନ ହୋଇଛି। ସେହିପରି କୁଚିଣ୍ଡା ବିଧାନସଭା କ୍ଷେତ୍ରରେ ୮୧.୩୮ପ୍ରତିଶତ, ରେଙ୍ଗାଲିରେ ୭୫.୪ ପ୍ରତିଶତ, ରେଢ଼ାଖୋଲରେ ୭୫.୪ ପ୍ରତିଶତ, ଛେଣ୍ଡିପଦାରେ ୮୩.୨୭ ଓ ଦେବଗଡ଼ରେ ୭୧.୮୪ ପ୍ରତିଶତ ମତଦାନ ହୋଇଛି। ପ୍ରାୟ ସମସ୍ତ ବିଧାନସଭା କ୍ଷେତ୍ରର ଅନେକ ବୁଥ୍‌ରେ ରାତି ୧୧ଟା ପର୍ଯ୍ୟନ୍ତ ମତଦାନ ଚାଲିଥିବାରୁ ପୋଲିଂ ଅଧିକାରୀମାନେ ଇଭିଏମ ଜମାଦେବା ପାଇଁ ରାତି ଅଢେଇଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ରିସିଭିଂ କେନ୍ଦ୍ରରେ ପହଞ୍ଚିଥିଲେ। ସମସ୍ତ କାଗଜପତ୍ର ଜମାଦେଇ ରିଲିଭ ହେବା ବେଳକୁ ସକାଳ ୬ଟା ହୋଇଯାଇଥିଲା। ତେବେ ସମ୍ବଲପୁର ଜିଲାରେ ୭୪.୦୨ପ୍ରତିଶତ ମତଦାନ ହୋଇଥିବା ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସୂଚନା ଦେଇଛନ୍ତି। ସମ୍ବଲପୁରରେ ଜନସାଧାରଣଙ୍କ ସହଯୋଗ ଯୋଗୁ ଜିଲାରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ସେ କହିଛନ୍ତି। ସେହିପରି ସମ୍ବଲପୁର ଲୋକ ସଭା ଅଞ୍ଚଳରେ ୭୬.୬୬ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି।

# ତନ୍ମୟ, ଅଂଶୁମାନ ବିଦ୍ୟାଳୟ ଟପ୍ପର



ତନ୍ମୟ ବିଶ୍ୱାଳ



ଅଂଶୁମାନ ଭୋଇ



ପ୍ରଯୁକ୍ତି ପ୍ରଧାନ



ମୌସମ ପଧାନ



ଭୂମିସୁତା ସାହୁ



ଆୟୁଷ ଭୋଇ

ସମ୍ବଲପୁର,୨୬।୫(ବି.ଶଙ୍କର)

**ଯୁକ୍ତ ୨ ବିଜ୍ଞାନରେ ନିଉଟନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା**

ବିଜ୍ଞାନ ଯୁକ୍ତ ୨ (ଦ୍ୱାଦଶ) ବୋର୍ଡ ପରୀକ୍ଷା ଫଳ ରବିବାର ପ୍ରକାଶିତ ହୋଇଛି । ସମ୍ବଲପୁର ଜିଲା ଦେବେଇପାଲିସ୍ଥିତ ନିଉଟନ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ରବିବାର ଏନେଇ ବିଦ୍ୟାଳୟର ଅଧକ୍ଷ ଡ. ତେଜରାଜ ପାତ୍ର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କର କଠିନ ପରିଶ୍ରମକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି । ବିଦ୍ୟାଳୟ ସମ୍ବଲପୁର ଜିଲା ସହ ସମଗ୍ର ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛି । ସଫଳତାର ଏହିଧାରା ଆଗକୁ ଜାରି ରହିବ ବୋଲି ଡ. ତେଜରାଜ କହିଛନ୍ତି । ଏହିକ୍ରମରେ ଛାତ୍ର ତନ୍ମୟ ବିଶ୍ୱାଳ ୫୫୦ ଓ ଅଂଶୁମାନ ଭୋଇ ୫୫୦ ମାର୍କ ରଖି ବିଦ୍ୟାଳୟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେହିପରି ପ୍ରଯୁକ୍ତି ପ୍ରଧାନ ୫୪୪, ମୌସମ ପଧାନ ୫୪୨, ଭୂମିସୂତା ସାହୁ ୫୪୧, ଆୟୁଷ ଭୋଇ ୫୪୦ ମାର୍କ ରଖି ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି ।

# ବିଜ୍ଞାନ, ବାଣିଜ୍ୟରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା



ଆଶୁତୋଷ ନାଏକ



ଅନ୍ୱେଷା କର



ସତିଶ ପାଣିଗ୍ରାହୀ



ଶିବାନି ନାଏକ



ଇପସିତା ପଟେଲ



ଅପର୍ଣ୍ଣା ଭାରତୀ



ଶାଶ୍ୱତ କେଶରି ପ୍ରଧାନ



ଦିବ୍ୟାଂଶୁ କୁମାର ସାହୁ



ମଧୁସ୍ମିତା ବେହେରା



ରାଜୀବ ଦେବନାଥ



ସୋନାଲି ତେଲିକମ



ଧନଞ୍ଜୟ ବାରିକ

ସମ୍ବଲପୁର,୨୬।୫(ବି.ଶଙ୍କର)

**ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ**

ଯୁକ୍ତ ୨ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳ ରବିବାର ପ୍ରକାଶିତ ହୋଇଛି। ସମ୍ବଲପୁର ଶାସନ ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ବିଜ୍ଞାନ ବିଭାଗର ଆଶୁତୋଷ ନାଏକ ସର୍ବାଧିକ ୫୫୦, ଅନ୍ୱେଷା କର ୫୪୯, ସତିଶ ପାଣିଗ୍ରାହୀ ୫୪୬, ଶିବାନି ନାଏକ ୫୪୫ ଏବଂ ଇପସିତା ପଟେଲ ୫୪୧ ମାର୍କ ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ଅପର୍ଣ୍ଣା ଭାରତୀ ୫୬୬, ଶାଶ୍ୱତ କେଶରି ପ୍ରଧାନ ୫୫୬, ଦିବ୍ୟାଂଶୁ କୁମାର ସାହୁ ୫୫୫ ଏବଂ ମଧୁସ୍ମିତା ବେହେରା ୫୪୧ ମାର୍କ ରଖି ଦୀର୍ଘ ବର୍ଷର ରେର୍କଡକୁ ଭାଙ୍ଗିଛନ୍ତି। ସେହିପରି ବିଜ୍ଞାନ ବିଭାଗର ୫ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୩୫ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି।

ବାଣିଜ୍ୟ ବିଭାଗରେ ମଧ ୪ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୧୪ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହା ସହିତ ଉଭୟ ବିଭାଗରେ ୧୫୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୭ ଜଣ ପ୍ରଥମ ଶ୍ରେଣୀରେ ସଫଳତା ହାସଲ କରିଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିକାଶ ଅନୁଷ୍ଠାନ ସମୂହର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ଭି. ଶ୍ରୀନିବାସ, ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣ, ନିର୍ଦ୍ଦେଶିକା ଗୀତିକା ଚୌଧୁରୀ, ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡ.ପୁଷ୍ପିତା ପଣ୍ଡା ଙ୍କ ସମତେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । କ୍ରମାଗତ ଭାବରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ବଲପୁର ଜିଲା ସହ ସମଗ୍ର ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

# ସମ୍ବଲପୁର ଜିଲାର ପାସ ହାର ୯୬.୭୩ ପ୍ରତିଶତ

**ପ୍ରକାଶ ପାଇଲା ମାଟ୍ରିକ୍ ରେଜଲ୍ଟ**

■ଜିଲାରେ ଏ-୧ରେ ୧୪ ଛାତ୍ରୀଛାତ୍ର

ସମ୍ବଲପୁର,୨୬।୫(ପ୍ରମୋଦ ବହିଦାର)

ପ୍ରକାଶ ପାଇଲା ଚଳତ ବର୍ଷର ମାଟ୍ରିକ୍ ରେଜଲ୍ଟ। ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ମାଟ୍ରିକ୍ ଫଳାଫଳ ପ୍ରକାଶ ପାଇବା ପରେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଉତ୍ସୁକତାର ଅନ୍ତ ଘଟିଛି। ଚଳିତ ବର୍ଷ ସମ୍ବଲପୁର ଜିଲାରେ ମୋଟ୍ ୧୧,୯୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଜିଲାରେ ମାଟ୍ରିକ ପରୀକ୍ଷା ପାସ୍ ହାର ୯୬.୭୩ ରହିଛି। ଜିଲାରେ ମୋଟ୍ ୧୪ ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ଜିଲା ଟପ୍ପର ହୋଇଛନ୍ତି ବାଲିବନ୍ଧା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ସୁମା ଖାତୁନ(୯୨.୬୬%)। ସେହିପରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କିନ୍ଦରା ନନ୍ଦ କୁମାର ପୃଷେଠ(୯୨%), ଠେଲକୋଲେଇ ସରାକରୀ ଉଚ୍ଚ ବିଦ୍ୟାଳୟର ବିନାୟକ ବାରିକ(୯୨%) ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏମ୍ ସୁସ୍ମିତା(୯୨%), ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କିନ୍ଦରାର ରମେଶ ଚନ୍ଦ୍ର ଭୋଇ(୯୧.୧୬%), ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ରାଉତ(୯୧.୧୬%), ସେିଦେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆୟୁଶ ପଟ୍ଟନାୟକ(୯୧.୧୬%) ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୁଭଶ୍ରୀ ଶତପଥୀ(୯୧%) ରଖିଛନ୍ତି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କିନ୍ଦରାର ଅର୍ଜୁନ ପଟେଲ(୯୦.୬୦%), କତରବଗା ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱସ୍ତିକ କୁମାର ସାହୁ(୯୦%), ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କିନ୍ଦରାର ସରୋଜ ପଶାୟତ(୯୦%), ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରେଢ଼ାଖୋଲର ଆୟୁସ କୁମାର ନାଏକ ଓ ଦିପ୍ତିମୟୀ ସାହୁ ଯୁଗ୍ମଭାବେ (୯୦%), ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜଗ୍ମିନ ସାହୁ(୯୦%) ନମ୍ବର ହାସଲ କରିଛନ୍ତି।

# ରାଜମିସ୍ତ୍ରିଙ୍କ କନ୍ୟା ଜିଲା ଟପ୍ପର



ମାତାପିତାଙ୍କ ସହ ସୁମା ଖାତୁନ।

ସମ୍ବଲପୁର,୨୬।୫(ପ୍ରମୋଦ ବହିଦାର)

ଚଳିତ ମାଟ୍ରିକ ପରୀକ୍ଷାରେ ସମ୍ବଲପୁର ଜିଲାର ଜଣେ ରାଜମିସ୍ତ୍ରିଙ୍କ ଝିଅ ଏ-୧ ଗ୍ରେଡ ପାଇଛନ୍ତି। ମୋଟ ୬ଶହ ନମ୍ବରରୁ ସେ ୫୫୬ନମ୍ବର ଅର୍ଥାତ୍ ୯୨.୬୬ ପ୍ରତିଶତ ରଖିଛନ୍ତି। ସେ ସମ୍ବଲପୁର ଜିଲା ଟପ୍ପର ହୋଇଥିବା ଜଣାପଡିଛି। ସେ ହେଉଛନ୍ତି ସମ୍ବଲପୁର ମହାନଗର ଅନ୍ତର୍ଗତ ପୁରୁଣା ସୁନାପାଲିର ସୁମା ଖାତୁନ। ପ୍ରତିକୂଳ ପରିସ୍ଥିତିରେ ରହି ମଧ୍ୟ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ତଥା ଇଚ୍ଛାଶକ୍ତି ବଳରେ କିଭଳି ଜଣେ ସଫଳତାର ଶୀର୍ଷ ହାସଲ କରିପାରେ ତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ସୁମା। ଏହି ସଫଳତା ପାଇଥିବା ସୁମାଙ୍କ ପିତା ମିରାଜୁଲ ହକ ଜଣେ ରାଜମିସ୍ତ୍ରି ଓ ମା' ଆୟସା ବିବି ଟେଲରିଂ କରି ଜୀବିକା ନିର୍ବାହ କରନ୍ତି। ସୁମା ସାକ୍ଷୀପଡ଼ାସ୍ଥିତ ବାଲିବନ୍ଧା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପଢୁଥିଲେ। ଭବିଷ୍ୟତରେ ସେ ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଦିନକୁ ୧୩ରୁ ୧୪ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି ସୁମା।

**ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ୬୨ତମ ସ୍ଥାପନା ଦିବସ**

# ଶ୍ରୋତାଙ୍କ ରୁଚିକୁ ଦେଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି

ସମ୍ବଲପୁର,୨୬।୫(ଭବାନୀ ଶଙ୍କର ଭୋଇ)



ଆକାଶବାଣୀ ସମ୍ବଲପୁରର ସ୍ଥାପନା ଦିବସ ପାଳନ ଅବସରରେ ଅତିଥି ଓ କର୍ମଚାରୀ।

ଆକାଶବାଣୀ ସମ୍ବଲପୁର ୬୩ବର୍ଷରେ ପଦାର୍ପଣ କରିଛି। ରବିବାର ଆକାଶବାଣୀ ରିକ୍ରିଏସନ କ୍ଲବ ପକ୍ଷରୁ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ସ୍ଥାପନା ଦିବସ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ କେନ୍ଦ୍ରର ସ୍ୱର୍ଣ୍ଣିମ ଇତିହାସକୁ ସ୍ମରଣ କରି ଏହାକୁ ଗୌରବାନ୍ୱିତ କରିବାରେ ଯେଉଁମାନଙ୍କର ଅବଦାନ ରହିଛି ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କହିଥିଲେ ଯେ, ଆକାଶବାଣୀ କେନ୍ଦ୍ର ଶ୍ରୋତାମାନଙ୍କର ରଚିକୁ ଆଖିଆଗରେ ରଖି ଏହାର କାର୍ଯ୍ୟକ୍ରମ ପ୍ରସ୍ତୁତି କରିଆସୁଛି ଏବଂ ଆଗକୁ ମଧ୍ୟ ଏହା ଜାରି ରଖିବ। ରିକ୍ରିଏସନ କ୍ଲବ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କେନ୍ଦ୍ରର ପ୍ରାରମ୍ଭଠାରୁ ଏଯାବତ୍ ଏହାର ଇତିହାସ, ଗତି, ପ୍ରଗତି ଏବଂ ଉପଲବ୍ଧ ସମ୍ପର୍କରେ ଆଲୋକପାତ କରିଥିଲେ। ଉଚ୍ଚ ମାନର କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ କେନ୍ଦ୍ର ପାଇଁ ଏଯାବତ ୫୦ଟି ପୁରସ୍କାର ସାଉଁଟି ଥିବା ସେହି କାର୍ଯ୍ୟକ୍ରମ ଅଧିକାରୀମାନେ ରମାପଦ ନନ୍ଦ, ପଦ୍ମଲୋଚନ ଦାସ, ଅଭୟ କୁମାର ପାଢ଼ୀ, ଅସୀମ କୁମାର ରେଜ, ରାହାସ ବିହାରୀ ମିର୍ଦ୍ଧା, ପ୍ରଦୀପ୍ତ କୁମାର ଶ୍ରୀଚନ୍ଦନ, ମାନଭଞ୍ଜନ ହୋତା, ବଦ୍ରୀନାରାୟଣ ମିଶ୍ର, ଉଦ୍ଧବ ଓରାମ ପ୍ରମୁଖଙ୍କ ନିଷ୍ଠା ଏବଂ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କେନ୍ଦ୍ର ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର କରି ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଉଛି ବୋଲି କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ ମତ ପ୍ରକାଶ କରିଥିଲେ। ସେହିପରି କୁନାଲ ମହାପାତ୍ର, ଜଗନ୍ନାଥ କୁଅଁର, ହୃଦାନନ୍ଦ ସେଠୀ, ମଲିକ ମୁଣ୍ଡା ପ୍ରମୁଖ ନିଜର ମତ ରଖିଥିଲେ। କୈବର୍ତ୍ତ ସାହୁ, କାଶିଫ୍ ଜମିଲ, ଅର୍ଜୁନ ଭୋଇ, ଅରୁଣ ନାୟକ, ଲକ୍ଷ୍ମୀନାରାୟଣ ଦାଶ, ଆଶୀଷ ସାହୁ, ପ୍ରକାଶ ଚନ୍ଦ୍ର ଛତ୍ରିଆ, ଲମ୍ବୋଦର ବୁଦୁଲା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

ସୁନ୍ଦରଗଡ,୨୬।୫(ଜୟ ନାରାୟଣ ମେଣ୍ଟୁଳି): ସୁନ୍ଦରଗଡ ଡେଙ୍ଗିଭାଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ବିଦ୍ୟାଳୟର ମୋଟ ୯୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ- ୧ରେ ୨ଜଣ,ଏ-୨ରେ ୧୩,ବି-୧ରେ ୨୩, ବି-୨ରେ ୩୦,ସିରେ ୨୪,ଡି ଓ ଇ ରେ ଜଣେ ଲେଖାଏଁ ପାସ କରିଛନ୍ତି। ବିଦ୍ୟାଳୟର ଆୟୁଷ ପଟେଲ ସର୍ବୋଚ୍ଚ ୯୨ପ୍ରତିଶତ ମାର୍କ ରଖିଥିଲା ବେଳେ ଓମ କାର ପୁରୋହିତ ୯୦ ପ୍ରତିଶତ ମାର୍କ ରଖି ଏ-୧ରେ ପାସ କରିଛନ୍ତି। ସେହିପରି ପରିଣୀତା ପଟେଲ ୮୮.୮୩ ପ୍ରତିଶତ, ଅର୍ପିତା ନାଏକ ୮୮.୬୬,ଦେବାନସ ଶତପଥୀ ୮୭.୮୩ ଓ ସୁମନ ପଟେଲ ୮୬.୧୬ ପ୍ରତିଶତ ମାର୍କ ରଖି ପାସ କରିଛନ୍ତି।

### କୁଆଁରମୁଣ୍ଡାରେ ପାସ ହାର ୯୮.୩୧ ପ୍ରତିଶତ

କୁଆଁରମୁଣ୍ଡା,୨୬।୫(ମହେନ୍ଦ୍ର କୁମାର ସାହୁ): ଦଶମ ପରୀକ୍ଷାରେ କୁଆଁରମୁଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧିନରେ ଥିବା ୨୪ଟି ସ୍କୁଲରୁ ମୋଟ ୧୭୮୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉକ୍ତ ପରୀକ୍ଷାରେ ମୋଟ ୯୮.୩୧ପ୍ରତିଶତ ଛାତ୍ରୀଛାତ୍ର ପାସ କରିଥିବା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ମାଟ୍ରିକ ପରୀକ୍ଷାରେ ଦୃଷ୍ଟି ବାଧିତ ଛାତ୍ରୀଙ୍କ ସଫଳତା


ଭାଲୁକୁନି କର୍ମୀ।

ଲୋଇସିଂହା,୨୬।୫(ସୁଶାନ୍ତ ବାରିକ) ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲର ଦୃଷ୍ଟିବାଧିତ ଛାତ୍ରୀ ଭାଲୁକୁନି କର୍ମୀ। ସେ ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ଗ୍ରାମର ତୁଳସା କର୍ମୀ ଓ ବାପା ରାମ କର୍ମୀଙ୍କ ଝିଅ ଭାଲୁକୁନି କେଉଁଟପାଲି ହାଇସ୍କୁଲରେ ପାଠ ପଢୁଥିଲେ। ଚଳିତବର୍ଷ ସେ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଛାତ୍ରୀ ଭାଲୁକୁନିଙ୍କ ଗାଇଡ ଶିକ୍ଷକ ଭାବେ ହିମାଂଶୁ ଷଡଙ୍ଗୀ ଥିଲେ। ପରୀକ୍ଷା ହଲ ରେ ସହାୟକ ଛାତ୍ର ଭାବେ ସୋଲକ ନନ୍ଦ ଉତ୍ତର ଲେଖିଥିଲେ। ରବିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଭାଲୁକୁନି ୨୧୨ ମାର୍କ ରଖି ଇ ଗ୍ରେଡରେ ପାସ୍ ହୋଇଛନ୍ତି। ଦୃଷ୍ଟିବାଧିତ ଛାତ୍ରୀଙ୍କ ସଫଳତାକୁ ନେଇ ଅଭିଭାବକ,ସ୍କୁଲ କର୍ତ୍ତୃପକ୍ଷ, ସହପାଠୀ ଓ ଛେଲବାହାଲ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### କେନ୍ଦୁପତ୍ର ତୋଳାଳିଙ୍କ ପରଲୋକ

ଦେଓଗାଁ,୨୬।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗାଁର ଜଣେ ମହିଳା କେନ୍ଦୁପତ୍ର ତୋଳିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରି ମୃତ୍ୟୁବରଣ କରିବା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ ଅନୁସୂୟା ମହାନନ୍ଦ। ଶନିବାର ସକାଳେ ଅନୁସୂୟା ଓ ତାଙ୍କ ସ୍ୱାମୀ ଯୁଗଲାଲ ମହାନନ୍ଦ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ। ସେଠାରେ ସେ ଅତ୍ୟଧିକ ଗରମ ହେତୁ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ସ୍ୱାମୀ ଓ ସେଠାରେ ଥିବା ଅନ୍ୟ ମହିଳାମାନଙ୍କ ସହଯୋଗରେ ଘରକୁ ଅଣାଯାଇଥିଲା। ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ସୁନ୍ଦରଗଡରେ ପାସ ହାର ୯୭.୨୪ ପ୍ରତିଶତ

ସୁନ୍ଦରଗଡ,୨୬।୫
(ଜୟ ନାରାୟଣ ମେଣ୍ଟୁଳି)

ଓଡିଶା ମାଧ୍ୟମିକ ଶିକ୍ଷା ଦ୍ୱାରା ପରିଚାଳିତ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ସୁନ୍ଦରଗଡ ଜିଲାରେ ୯୭.୨୪ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଲାରେ ମୋଟ ୨୪୬୩୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୨୪୩୧୫ଜଣପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୨୩୯୫୯ ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ସେମାନଙ୍କ ମଧ୍ୟରେ ଏ-୧ରେ ୧୮ଜଣ,ଏ-୨ରେ ୧୭୮,ବି-୧ରେ ୮୩୮,ବି-୨ରେ ୨୫୮୭,ସି-ରେ ୬୫୯୭,ଡି-ରେ ୮୪୬୩ ଓ ଇ -ରେ୫୨୭୮ଛାତ୍ରୀଛାତ୍ର ପାସ କରିଥିବା ବେଳେ ୩୫୨ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ରାଉରକେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସେକ୍ଟର-୬ର ଶ୍ରୁତି ପଣ୍ଡା ଜିଲାରେ ଏ- ୧ରେ ପାସ କରି ଥିବା ୧୮ ଜଣଙ୍କ ମଧ୍ୟରେ ସର୍ବୋଚ୍ଚ ୫୬୩ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ସେହି ବିଦ୍ୟାଳୟର ନିବେଦିତା ନାଏକ ୫୫୨, ହର୍ଷିତା ପଣ୍ଡା ୫୫୨,ଶୁଭଶ୍ରୀ ଦାଶ ୫୫୨,ପ୍ରଗତି ମିଶ୍ର ୫୫୨,ସ୍ୱୟଂ କୁମାର ନନ୍ଦି- ୫୪୯, ଚର୍ଚ୍ଚିତା ନାଏକ-୫୪୯, ଆୟୁଷ ସାହୁ ୫୪୭, ସ୍ୱାତୀ ସୁମନ ରାଉତ ୫୪୦, ଶୁଭମ ନାଏକ ୫୪୦,ସୁନ୍ଦରଗଡ଼ ଡେଙ୍ଗିଭାଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆୟୁଷ ପଟେଲ୫୫୨, ଓମକାର ପୁରୋହିତ ୫୪୦, କୁତ୍ରା ହାଇସ୍କୁଲର ସଛିତ କେରକେଟା ୫୪୭,ତରକେରା ହାଇସ୍କୁଲର ସ୍ନେହା ସାହୁ ୫୫୧,ରାଉରକେଲା ଉଦିତ ନଗର ସରକାରୀ ହାଇସ୍କୁଲର ଅର୍ଚ୍ଚିତା ସାହୁ ୫୫୨,ଡରାଉରକେଲା ବାଜି ରାଉତ ଶିକ୍ଷା ନିକେତନର ଅବିନାଶ ବାରିକ ୫୫ ଓ ଜିତେନ୍ଦ୍ର କୁମାର ବିଶ୍ୱାଳ ୫୪୫ ମାର୍କ ରଖିଥିବା ବେଳେ ରାଉରକେଲା ଛେଣ୍ଡ ପବ୍ଲିକ ସ୍କୁଲର ସଙ୍ଘମିତ୍ରା ସାହୁ ୫୫୨ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାରେ ପାଶ କରିଥିବା ପରୀକ୍ଷାର୍ଥୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

# କୁତ୍ରାର ଗର୍ବ ସାଜିତ, ସ୍ନେହା


ସ୍ନେହା


ସାଜିତ୍

କୁତ୍ରା,୨୬।୫(ଦେବାଶିଷ ସାହୁ)

କୁତ୍ରା ବ୍ଲକ ନୂଆଗାଁ ପଞ୍ଚାୟତ ଉପାନ୍ତ ଗାଁ ଝରେନ ଗ୍ରାମର ସାଜିତ କେର୍କେଟା ଦଶମ ପରୀକ୍ଷାରେ ୫୪୭ ନମ୍ବର ରଖି ଏ-ୱାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ସେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ଛାତ୍ରାବାସରେ ରହି ପାଠ ପଢୁଥିଲେ। ମା' ବାପା ଦିନ ମଜୁରିଆ ଭାବେ କାମ କରନ୍ତି। ତାଙ୍କର ଏହି ଶ୍ରେୟ ମୋ ସ୍କୁଲ ଅଭିଯାନ ଓ ୫-ଟି'କୁ ଦେଇଛନ୍ତି। ତାଙ୍କର ଏହି ସଫଳତା ଜଣାପଡିବା ପରେ ଅନୁଷ୍ଠାନରେ ଖୁସିର ଲହରି ଖେଳିଯିବା ସହିତ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେର୍କେଟାଙ୍କ ସମେତ ସମସ୍ତ କର୍ମଚାରୀ ଦିଲୀପ ବେହେରା,ଜାନକୀ ସିଂ,ବାବୁଲାଲ ଟପ୍ପୋ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ସଫଳତା ପାଇଁ ସେ ନିଜ ମା' ବାପା ଓ ଗୁରୁଜନଙ୍କୁ ପ୍ରଦାନ କରିବା ସହିତ ଭବିଷ୍ୟତରେ ସେ ପାଇଲଟ ହେବା ପାଇଁ ସ୍ୱପ୍ନ ରଖିଛନ୍ତି। ସେହିଭଳି ତରକେରା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନେହା ସାହୁ ୫୫୧ ନମ୍ବର ରଖି ଏ-ୱାନ ଗ୍ରେଡ୍‌ରେ ପାସ୍ କରି ବିଦ୍ୟାଳୟର ନାଁ ରଖିଛନ୍ତି। ମା' ବାପା ଦିନ ମଜୁରିଆ ଭାବେ କାମ କରନ୍ତି। ସେ ବର୍ତ୍ତମାନ ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଯୁକ୍ତ ୨ କଳା, ବିଜ୍ଞାନରେ ମାହେଶ୍ୱରୀ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା


ଆଦ୍ୟାଶା


ଆସ୍ଥାନା


କରିସ୍ମା


ଟ୍ୱିଙ୍କିଲ

ସୁନ୍ଦରଗଡ,୨୬।୫
(ଜୟ ନାରାୟଣ ମେଣ୍ଟୁଳି)

ଯୁକ୍ତ ୨କଳା ଓ ବିଜ୍ଞାନ ପରୀକ୍ଷା ଫଳରେ ସୁନ୍ଦରଗଡ ସ୍ଥିତ ମାହେଶ୍ୱରୀ ଯୁକ୍ତ ୨ କଳା ଓ ବିଜ୍ଞାନ କଲେଜର ଛାତ୍ରୀଛାତ୍ର ଆଶାନୁରୂପ ସଫଳତା ହାସଲ କରିଛନ୍ତି। ବିଜ୍ଞାନରେ ସମସ୍ତ ୮୨ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୫୯ଜଣ ପ୍ରଥମ ଶ୍ରେଣୀରେ ଓ ୨୩ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆସ୍ଥାନ ନାୟକ ବିଜ୍ଞାନରେ ୮୯ ପ୍ରତିଶତ, ଆଦ୍ୟାଶା ଦାନି ୮୧ ପ୍ରତିଶତ, ଟୁଇଙ୍କିଲ ପଟେଲ ୭୯ ପ୍ରତିଶତ ମାର୍କ ରଖିଛନ୍ତି। କରିସ୍ମା ସାହୁ କଳାରେ ୮୪ ପ୍ରତିଶତ ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ଚେୟାରମ୍ୟାନ ଫକୀର କର୍ଣ୍ଣ ସମସ୍ତ ଅଧାପିକା ଅଧାପକଙ୍କୁ ଧନ୍ୟବାଦ ଜଣାଇବା ସହ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଯୁକ୍ତ ୨ ବିଜ୍ଞାନ,ବାଣିଜ୍ୟରେ ପ୍ରୟାସ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ସୁନ୍ଦରଗଡ,୨୬।୫(ଜୟ ନାରାୟଣ ମେଣ୍ଟୁଳି): ସୁନ୍ଦରଗଡ ଭେଡାବାହାଲ ସ୍ଥିତ ପ୍ରୟାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଜ୍ଞାନ ବିଭାଗର ମୋଟ୧୩୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୯ଜଣ, ଦ୍ୱିତୀୟ ଶ୍ରେଣୀରେ ୧୨ ଓ ତୃତୀୟ ଶ୍ରେଣୀରେ ୪ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ସ୍ୱାଗତ ସାହୁ ୮୮.୫ ପ୍ରତିଶତ ଓ କୁମକୁମ ପୃଷ୍ଟି ୮୮.୩ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଅନ୍ୟ ୨୨ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତ ମାର୍କ ରଖି ପାସ କରିଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୫ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ୬ଜଣ ପାସ କରିଛନ୍ତି। ବାଣିଜ୍ୟ ବିଭାଗର ଐଶ୍ୱର୍ଯ୍ୟା କାଲୋ ୮୬.୧୬ପ୍ରତିଶତ ମାର୍କ ରଖି ଥିବା ବେଳେ ୪ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତ ଓ ୮ଜଣ ୭୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଚେୟାରମ୍ୟାନ କାଜଲ ଦଲୱାନି,ସମ୍ପାଦକ ସୁନୀଲ ଦଲୱାନି,ଡାଇରେକ୍ଟର ଦିଲୀପ କୁମାର ହାତୀ,ଭବାନୀ ପ୍ରସାଦ ମାଝି,ହରିବନ୍ଧୁ ଠାକୁର, ମହାବିଦ୍ୟାଳୟ ଅଧକ୍ଷ ବିଘ୍ନରାଜ ପତି କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଯୁକ୍ତ ୨ ବିଜ୍ଞାନରେ ଗୁରୁକୁଳର ସଫଳତା

ସୁନ୍ଦରଗଡ,୨୬।୫(ଜୟ ନାରାୟଣ ମେଣ୍ଟୁଳି)



ଯୁକ୍ତ ୨ ପରୀକ୍ଷାରେ ଗୁରୁକୁଳର ପରୀକ୍ଷା ଫଳ ଉତ୍ସାହ ଜନକ ହୋଇଛି। ୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଶୁଭମ ବେହେରା ୫୪୭ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଥିବାବେଳେ ସ୍ୱାଗତିକା ପଟେଲ ୫୪୫ରେ ଦ୍ୱିତୀୟ, ଅରିନ୍ଦମ ଚୌଧୁରୀ ୫୪୫ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ୧୨ଜଣ ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୨୮ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ମୋଟ ୨୦୩ଜଣ ପରୀକ୍ଷା ଦେଇଥିବା ବେଳେ ୧୭୦ଜଣ ପ୍ରଥମ ଶ୍ରେଣୀରେ ଓ ୨୯ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଗୁରୁକୂଳ ସମ୍ପାଦକ ଗଣେଶ ଚନ୍ଦ୍ର ନାଏକ, ସଭାପତି ବିଥିକା ନାଏକ, ସହସମ୍ପାଦକ ଲିପନ କୁମାର ନାଏକ ଓ ଅଧକ୍ଷ ମଳୟ କୁମାର ନାଏକ ସମସ୍ତ ଅଧାପିକା ଅଧାପକ ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆକାଶ ବେଉରା ରାଜଗାଙ୍ଗପୁର ଟପ୍ପର

ରାଜଗାଙ୍ଗପୁର,୨୬।୫(ଅଶୋକ ପାଣି)



ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର କାଂଶବାହାଲ ପବ୍ଲିକ ସ୍କୁଲର ଆକାଶ ବେଉରା ଦଶମ ପରୀକ୍ଷାରେ ସର୍ବାଧିକ ୪୯୪ ନମ୍ବର ରଖି ରାଜଗାଙ୍ଗପୁର ଅଞ୍ଚଳର ଟପ୍ପର ହୋଇଛନ୍ତି। ଛାତ୍ରୀ ରେଜିନା ପାନ୍ନା ୪୮୦ ନମ୍ବର ରଖି ଦ୍ୱିତୀୟ,ପାନପୋଷ ସରକାରୀ ବିଦ୍ୟାଳୟର ଛାତ୍ରୀ ସାନ୍ଧାରୀ ବାର୍ଲା ୪୫୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ ପରୀକ୍ଷାରେ ସଫଳ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆନ୍ତର୍ଜାତିକ ହକର୍ସ ଦିବସ ପାଳିତ

ରାଉରକେଲା,୨୬।୫(ସଙ୍ଗୀତା ଜେନା)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହକର୍ସମାନେ।

ସିଟୁ ସହବନ୍ଧିତ ରାଉରକେଲା ହକର୍ସ ଆସୋସିଏଶନ୍(ଆର୍‌ଏଚ୍‌ଏ) ପକ୍ଷରୁ ରବିବାର ଆନ୍ତର୍ଜାତିକ ହକର୍ସ ଦିବସ ପାଳିତ ହୋଇଯାଇଛି। ସେକ୍ଟର-୧୬ ଶ୍ରମିକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏଚ୍‌ଏର ସଭାପତି ତଥା ସିଟୁ ସର୍ବଭାରତୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବିମାନ ମାଇତି, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ, ରାଜକିଶୋର ପ୍ରଧାନ, ଆର୍ତ୍ତତ୍ରାଣ ବେହେରା, ସଂଗ୍ରାମ ଭୂୟାଁ, ଅଶେଷ ବିଶ୍ୱାଳ, ଶୁକେନ୍ଦୁ ପାତ୍ର, କିଶୋର ରାଉତ, ମିହିର ପାତ୍ର, କେବି ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଖବରକାଗଜ ବିତରକ ବା ହକରଙ୍କ ସମସ୍ୟା ଯଥା ସାମାଜିକ ସୁରକ୍ଷା, ଆର୍ଥିକ ବିକାଶ, ସ୍ୱାସ୍ଥ୍ୟ ବୀମା, ସରକାରୀ ମାନ୍ୟତା, ପରିଚୟପତ୍ର ପ୍ରଦାନ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ହକର୍ସ ଡେ ଭବ୍ୟ ରୂପେ ପାଳନ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ଦୁର୍ଗା କୋଲେ, ଅଶୋକ ବିଶ୍ୱାଳ, ଯୁଗଳ ଘୋଷ, ରାଜକିଶୋର ନାୟକ, ନିରଞ୍ଜନ ଦାସ, ମହେଶ୍ୱର ସ୍ୱାଇଁ, ନୀଳମଣି ନନ୍ଦ, କାଶୀନାଥ ସାହାଣୀ ପ୍ରମୁଖଙ୍କୁ ସଭାପତି ମହାନ୍ତି ଓ ଅନ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।ଶରତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶିତ

ରାଉରକେଲା,୨୬।୫(ସଙ୍ଗୀତା ଜେନା)

ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଫଳ ରବିବାର ପ୍ରକାଶ ପାଇଛି। ଦକ୍ଷିଣ ରାଉରକେଲା ଗାନ୍ଧୀ କଲେଜରେ କଳାରେ ମୋଟ ୧୦୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ୪ ଜଣ, ଦ୍ୱିତୀୟ ୯ ଓ ୩ୟ ୭୭ ଜଣ ପାଇଛନ୍ତି। ମଧୁସ୍ମିତା ଗଜେନ୍ଦ୍ର ୪୮୧ ନମ୍ବର ରଖି କଳାରେ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ମୋଟ ୧୦୨ ଜଣଙ୍କ ମଧ୍ୟରୁ ପ୍ରଥମ ୭ଜଣ, ଦ୍ୱିତୀୟ ୧୪ ଓ ୫୫ ତୃତୀୟ ଡିଭିଜନ ହାସଲ କରିଛନ୍ତି। ବିଶ୍ୱରଞ୍ଜନ ଘଡେଇ ୪୧୩ନମ୍ବର ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ମୋଟ ୮୮ ଜଣଙ୍କ ମଧ୍ୟରୁ ଦ୍ୱିତୀୟ ୬ ଜଣ, ୩ୟ ୧୦ ଜଣ ହୋଇଛନ୍ତି। ନିଖିଲ ବିରୁଆ ୩୪୬ ନମ୍ବର ରଖି ବିଜ୍ଞାନ ଟପ୍ପର ହୋଇଛନ୍ତି। ସେହିପରି ଏକ୍ସ ରେଗୁଲାର କଳାରେ ୬ ଜଣ, ବାଣିଜ୍ୟରେ ୭ଜଣ,ବିଜ୍ଞାନରେ ୩ ଜଣ ପାସ କରିଛନ୍ତି। ସେକ୍ଟର-୧୯ ଇସ୍ପାତ ବିଦ୍ୟାମନ୍ଦିରରେ କଳାରେ ମଧୁସ୍ମିତା ଗୌଡ଼ ୮୬.୧୬ ପ୍ରତିଶତ, ସବିତା ତିଗା ୮୩.୫୦ ପ୍ରତିଶତ, ନରେନ୍ଦ୍ର ଦାଶ ୮୧.୬୬ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ପ୍ରଦୀପ୍ତ ଚନ୍ଦ୍ର ଗିରି ୮୬.୩୩ ପ୍ରତିଶତ, ବିଷ୍ଣୁ ପ୍ରିୟା ସ୍ୱାଇଁ ୮୨.୧୬ ପ୍ରତିଶତ ଓ ପ୍ରିୟଙ୍କା ସ୍ୱାଇଁ ୮୧.୬୬ ପ୍ରତିଶତ ନମ୍ବର ରଖି ଟପର ହୋଇଛନ୍ତି। ବାଣିଜ୍ୟରେ ସୁଧାଂଶୁ ବାଳା ସାହୁ ୯୦.୮୩ ପ୍ରତିଶତ, ପ୍ରତୀକ ପଣ୍ଡା ୮୮ ପ୍ରତିଶତ ଓ ବିଭୁପ୍ରସାଦ ଦାଶ ୮୬ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି।

# କ୍ଷତିଗ୍ରସ୍ତ ଦୋକାନୀ ଉପଜିଲାପାଳଙ୍କୁ ଭେଟିଲେ


କ୍ଷତିଗ୍ରସ୍ତ ଦୋକାନୀମାନେ ଉପଜିଲାପାଳଙ୍କୁ ଭେଟୁଛନ୍ତି।

ଟିଟିଲାଗଡ଼,୨୬।୫(ଶରତ ମିଶ୍ର)

ଶନିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ୩୫ଟି ଦୋକାନ ଗୃହ ଭସ୍ମୀଭୂତ ହୋଇଯାଇଛି। ଏ ନେଇ ଦୋକାନୀମାନେ ଟିଟିଲାଗଡ଼ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କ୍ଷୟକ୍ଷତି ଆକଳନ ନେଇ ଅଦ୍ୟାବଧି ତହସିଲଦାର କିମ୍ବା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ନ ଥିବା ଜଣାଯାଇଛି । ଫଳରେ କ୍ଷତିଗ୍ରସ୍ତ ଦୋକାନୀ ଏମଡି ରହିମ, ଏମଡି ଆସିଫ, କିଶୋର ବଗର୍ତ୍ତୀ, ରାଜେଶ ବର୍ମା, ଜୁମନ ଖାନ, ନାରାୟଣ ବର୍ମା, ଅବଦୁଲ ୱାହୀଦ, ଇସ୍ତିହାକ ଖାନ, ଏମଡି ଅସଲମ, ଏମଡି ହଜରତ, ପରମେଶ୍ୱର ବେହେରା ପ୍ରମୁଖ ରବିବାର ପୂର୍ବାହ୍ନରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ସରକାରୀ ସହାୟତା ଦେବା ପାଇଁ ଗୁହାରି କରିଛନ୍ତି। ଅଗ୍ନିକାଣ୍ଡରେ କପଡା ଦୋକାନ, ଚପଲ, ବ୍ୟାଗ, ଚଷମା, ପନିପରିବା ଦୋକାନ ଆଦି ପୋଡିଯାଇଛି । ଦୋକାନୀମାନେ କିପରି ପରିବାର ଚଳାଇବେ ସେ ନେଇ ଚିନ୍ତାରେ ଅଛନ୍ତି। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ଷତିଗ୍ରସ୍ତ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ଦୋକାନୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଏସପି ଖିଲାରୀ ବଲାଙ୍ଗୀର ଜିଲାପାଳ ତଥା ଟିଟିଲାଗଡ଼ ଉପଜିଲାପାଳଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି।

# ହରିଶଙ୍କରରେ ସଫେଇ କାର୍ଯ୍ୟକ୍ରମ

ଖପ୍ରାଖୋଲ,୨୬।୫(ଅଭୟ ତ୍ରିପାଠୀ)


ହରିଶଙ୍କର ମାର୍କେଟ କମ୍ପ୍ଲେକ୍ସ ସଫେଇ କରାଯାଉଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରରେ ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ମାର୍କେଟ ପାଖ ରାସ୍ତା କଡ଼, ଲିଚୁ ବଗିଚା, ଡିଅର ପାର୍କ, ଏସଏମଇ ପାର୍କ ପାଖ ସ୍ଥାନ ଆଦି ସଫେଇ କରିବା ସହ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ। ଦୁଇ ଦିନ ତଳେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଶେଷ ହୋଇଥିବା ବେଳେ ଲକ୍ଷାଧିକ ଲୋକଙ୍କ ଭିଡ଼ ହୋଇଥିଲା। ଶତାଧିକ ଦୋକାନ ବଜାର ବସିଥିଲା । ଫଳରେ ବିଭିନ୍ନ ବର୍ଜ୍ୟବସ୍ତୁ ପଡି ପରିବେଶ ପ୍ରଦୂଷିତ ହୋଇଥିଲା। ସଫେଇ କାର୍ଯ୍ୟକ୍ରମରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ହରିଶଙ୍କର ବାନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରେକେଟା, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସାମିଲ ହୋଇଥିଲେ । ଖପ୍ରାଖୋଲ ପ୍ରେସ କ୍ଲବ ସଦସ୍ୟ ଅଭୟ ତ୍ରିପାଠୀ, ତାପସ ବେହେରା, ଉମାକାନ୍ତ ପ୍ରଧାନ, ମନୋଜ ଦାସ, ସରୋଜ ମିଶ୍ର, ଭୋଜରାଜ ବରିହା, ସରୋଜ ସାହୁ, ସବ୍ କମିଟି ସଦସ୍ୟ କ୍ଷମାନିଧି ଭୋଇ , ଶତୃଘ୍ନ ନାଏକ, ଗଜ ନାଗ, ବଳରାମ ବେହେରା, ପଞ୍ଚମ ପ୍ରଧାନ, ତୁଳା ବରିହାଙ୍କ ସମେତ ଦେବୋତ୍ତର କର୍ମଚାରୀ, ସ୍ୱେଚ୍ଛାସେବୀ ସଫେଇ କାର୍ଯ୍ୟକ୍ରମରେ ମଧ ସାମିଲ ହୋଇଥିଲେ। ସେହିପରି ଯୁବ କୁଲତା ସମାଜ ତରଫରୁ ଅକ୍ଷୟ ପ୍ରଧାନଙ୍କ ନେତୃତ୍ୱରେ ଅନ୍ନଛତ୍ର ସ୍ଥଳୀ ସଫେଇ କରାଯାଇଥିଲା।

# ବଲାଙ୍ଗୀର ଜିଲାରେ ମାଟ୍ରିକ ପାସ୍ ହାର ୯୪.୩୯%


ସୋହନୀ ନାଏକ


ସ୍ମୃତିଶ୍ରୀ ମେହେର


ସ୍ପନ୍ଦନ ସାହୁ


ବନାଗ୍ନି ମିଶ୍ର


ଛନ୍ଦାଶ୍ରୀ ମିଶ୍ର


ଓମ୍ ସାଇପ୍ରସାଦ ରାଉତ


ଅରମାନ୍ ପଣ୍ଡା


ନିରୁପମା କର


ସ୍ୱର୍ଣ୍ଣପ୍ରଭା କଲତା


ଅଭିନବ ବଗର୍ତ୍ତୀ

**ବଲାଙ୍ଗୀର, ୨୬।୫(ବୀରେନ୍ଦ୍ର କୁମାର ଝାଙ୍କର)**

ରବିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ବଲାଙ୍ଗୀର ଜିଲାରେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାସ୍ ହାର ୯୪.୩୯ ପ୍ରତିଶତ ରହିଥିବା ଜଣାପଡିଛି। ତେବେ ଜିଲାରୁ କେତେ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ ଏବଂ ସେଥିରୁ କେତେ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କେଉଁ ବର୍ଗରେ କେତେ ଛାତ୍ରୀଛାତ୍ର କେତେ ମାର୍କ ରଖି ସଫଳତା ପାଇଛନ୍ତି ସେନେଇ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟକରୁ କୌଣସି ତଥ୍ୟ ମିଳିନାହିଁ। ଏନେଇ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରାଙ୍କୁ ପଚରାଯିବାରୁ ବୋର୍ଡରୁ ସବିଶେଷ ସୂଚନା ଦିଆଯାଇନାହିଁ। କେବଳ ଜିଲାରୁ ୯୪.୩୯ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବା ସୂଚନା ଦେଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ଜିଲାର ସବିଶେଷ ମାଟ୍ରିକ ପରୀକ୍ଷା ଫଳାଫଳ ସଂକ୍ରାନ୍ତୀୟ ତଥ୍ୟ ମିଳିଯିବ ବୋଲି ସେ କହିଛନ୍ତି। ରାଜ୍ୟର ଅନ୍ୟ ଜିଲାର ମାଟ୍ରିକ ପରୀକ୍ଷା ଫଳାଫଳ ପାସ୍ ହାରକୁ ଦେଖିଲେ ବଲାଙ୍ଗୀର ଜିଲା ବହୁ ପଛରେ ପଡିଯାଇଛି। କେବଳ ବଲାଙ୍ଗୀର ଜିଲା ପଛରେ ନୂଆପଡା ଜିଲା ରହିଛି। ବଲାଙ୍ଗୀର ଜିଲାର ପାସ୍ ହାର ୯୪.୩୯ ରହିଥିବାବେଳେ ନୂଆପଡା ଜିଲାର ପାସ୍‌ହାର ୯୩.୯୧ ରହିଛି। ବଲାଙ୍ଗୀର ଜିଲାରେ କେଉଁ କାରଣରୁ ମାଟ୍ରିକ ପାସ୍ ହାର ଏଭଳି ରହିଲା ସେନେଇ ଅଭିଭାବକ ଏବଂ ଶିକ୍ଷାପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବଲାଙ୍ଗୀର ଜିଲା ଉପରେ କୋରାପୁଟ୍ ଜିଲାରେ ୯୪.୮୨ ପ୍ରତିଶତ, ନବରଙ୍ଗପୁର ଜିଲାରେ ୯୪.୮୮ ପ୍ରତିଶତ ଓ କେଉଁଝର ଜିଲାରେ ୯୪.୮ ପ୍ରତିଶତ ରହିଛି। ଏହା ଉପରେ ଅନ୍ୟ ଜିଲାଗୁଡିକ ରହିଛନ୍ତି। ସରକାରୀ ଭାବେ ପରୀକ୍ଷା ଫଳାଫଳ ତଥ୍ୟ ମିଳି ନ ଥିଲେ ମଧ୍ୟ ବିଭିନ୍ନ ସ୍କୁଲରୁ ମିଳିଥିବା ତଥ୍ୟ ଅନୁସାରେ ବଲାଙ୍ଗୀର ଜିଲାରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଭଲ କରିଥିବା ଜଣାପଡିଛି। ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ମନ୍ଦିରରୁ ୮ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଏହି ସ୍କୁଲର ସୋହନୀ ନାଏକ ସର୍ବାଧିକ (୫୬୮ମାର୍କ) ୯୪.୬୬ ପ୍ରତିଶତ ରଖି ପାସ୍ କରିଛନ୍ତି। ସେହିପରି ସ୍ମୃତିଶ୍ରୀ ମେହେର ୫୬୩ ମାର୍କ, ସ୍ପନ୍ଦନ ସାହୁ ୫୫୨, ବନାଗ୍ନି ମିଶ୍ର ୫୫୨, ଛନ୍ଦାଶ୍ରୀ ମିଶ୍ର ୫୫୨, ଓମ୍ ସାଇପ୍ରସାଦ ରାଉତ ୫୫୧, ଅରମାନ୍ ପଣ୍ଡା ୫୪୪ ଓ ନିରୁପମା କର ୫୪୪ ମାର୍କ ରଖି ପାସ୍ କରିଛନ୍ତି। ବଲାଙ୍ଗୀର କଲେଜ ଛକ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ସ୍ୱର୍ଣ୍ଣପ୍ରଭା କଲତା ୫୪୬ ମାର୍କ ଓ ଅଭିନବ ବଗର୍ତ୍ତୀ ୫୪୦ ମାର୍କ ରଖି ପାସ୍ କରିଛନ୍ତି। ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରର ପ୍ରତୀକ୍ଷା ପ୍ରଧାନ ୫୫୧, ତୁଲସା କିଶାନ୍ ୫୫୦ ଓ ସିମ୍ରନ୍ ସାହୁ ୫୪୨ ମାର୍କ ରଖି ପାସ୍ କରିଛନ୍ତି। ପାଟଣାଗଡ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଅନ୍ୱେଷା ଠାକୁର ୫୬୬, ଆରାଧ୍ୟା ପ୍ରିୟଦର୍ଶିନୀ ୫୫୧ ଓ ଆର୍ଯ୍ୟାନ ପାଣିଗ୍ରାହୀ ୫୪୩ ମାର୍କ ରଖି ପାସ୍ କରିଥିବା ଜଣାପଡିଛି। ତୁଷରା ଶିଶୁ ମନ୍ଦିରର ଆରାଧ୍ୟା ସାହୁ ୫୪୦ ମାର୍କ, ଖୁଜେନପାଲି ବିଶ୍ୱାମ୍ ବିଦ୍ୟାମନ୍ଦିର ଛାତ୍ରୀ ଇପସିତା ପଟ୍ଟନାୟକ ୫୪୦ ମାର୍କ ଓ ଧଣ୍ଡାମାଲ ସତ୍ୟବାଦୀ ହାଇସ୍କୁଲ ଛାତ୍ରୀ ଅଙ୍କିତା ମିଶ୍ର ସର୍ବାଧିକ ୫୪୭ ମାର୍କ ଓ ପ୍ରସିଦ୍ଧି ସିଂନିନା ୫୪୩ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଅନ୍ୟ ସ୍କୁଲଗୁଡିକର ପରୀକ୍ଷା ଫଳ ଜଣାପଡିନାହିଁ।

- ଅନ୍ୟ ଜିଲା ତୁଳନାରେ ବଲାଙ୍ଗୀର ଜିଲା ପଛୁଆ
- ବଲାଙ୍ଗୀର ଜିଲା ପଛରେ କେବଳ ନୂଆପଡା ଜିଲା
- ଜିଲାରୁ କେତେ ଛାତ୍ରୀଛାତ୍ର କେଉଁ ବର୍ଗରେ ପାସ୍ କଲେ ତଥ୍ୟ ମିଳିଲାନି

## କୁନ୍ତି ସାହୁ ବୀରମହାରାଜପୁର ବ୍ଲକ ଟପ୍ପର

**ଅମରପାଲି, ୨୬।୫(ପୀତାମ୍ବର ସାହୁ)**


କୁନ୍ତି ସାହୁ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ଛାତ୍ରୀ କୁନ୍ତୀ ସାହୁ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ୫୪୦ ମାର୍କ ରଖି ବ୍ଲକର ଏକ ମାତ୍ର ଛାତ୍ରୀଭାବେ ଗ୍ରେଡ ଏ-୧ ରେ ପାସ୍ କରିଛନ୍ତି। ଭାଲୁଡୁଙ୍ଗୁରୀ ଗ୍ରାମର ଜଗଦାନନ୍ଦ ସାହୁ ଜଣେ ଚାଷୀ ହୋଇଥିବା ବେଳେ ମା’ ଜାହ୍ନବୀ ସାହୁ ଜଣେ ଗୃହିଣୀ। କୁନ୍ତୀ ମାଟ୍ରିକ ପରୀକ୍ଷା ପାଇଁ ଦୈନିକ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କ ସଫଳତା ପାଇଁ ତାଙ୍କ ସ୍କୁଲର ଶିକ୍ଷକ, ମା’ ବାପା, ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହଯୋଗ ଥିଲା ବୋଲି ପ୍ରକାଶ କରିଛନ୍ତି। ସେ ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗଦେବା ଲକ୍ଷ୍ୟ ରଖିଥିବା କହିଛନ୍ତି କୁନ୍ତୀ। ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ ସେ ରାଜ୍ୟ ସ୍ତରୀୟ ସୁରଭିର କୁଇଜ ପ୍ରତିଯୋଗିତା ଓ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜରେ ସଫଳତା ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଥିଲେ। ତାଙ୍କର ଏହି ସଫଳତାରେ ଅମରପାଲି ହାଇସ୍କୁଲର ସମସ୍ତ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ, ସାଙ୍ଗସାଥୀ,ପରିବାର ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ୨୫ ପରୀକ୍ଷାର୍ଥୀଙ୍କୁ ଏ-୧ ଗ୍ରେଡ

**ସୋନପୁର, ୨୬।୫(ମୃତ୍ୟୁଞ୍ଜୟ ଶତପଥୀ)**

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ୨୦୨୪ର ପରୀକ୍ଷା ଫଳ ରବିବାର ପ୍ରକାଶିତ ହୋଇଛି। ସୁବର୍ଣ୍ଣପୁର ଜିଲାରେ ପାସ୍ ହାର ୯୭.୧୧ ପ୍ରତିଶତ ରହିଛି। ଏହା ରାଜ୍ୟରେ ୭ମ ସ୍ଥାନରେ ରହିଛି। ଗତବର୍ଷ ପାସ୍ ହାର ୯୬.୫୪ ପ୍ରତିଶତ ଥିଲା। ଚଳିତ ବର୍ଷ ଜିଲାର ମୋଟ ୧୨୮ଟି ଉଚ୍ଚ ବିଦ୍ୟାଳୟର ୯୦୨୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୫ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ତେବେ ଏହି ସଫଳତା ପାଇଥିବା ୨୩ ଛାତ୍ରୀଛାତ୍ର ବେସରକାରୀ ସ୍କୁଲର। ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ସର୍ବାଧିକ ୨୨ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇଛନ୍ତି। ଜିଲାର ୮୯ ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ରହିଛି। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଶୁଭେଚ୍ଛା ଜଣାଇଛନ୍ତି।


ଆଲୋକ ମହଲା।

### ଆଲୋକ ମହଲା ଜିଲା ଟପ୍ପର: ଭବିଷ୍ୟତରେ ଡାକ୍ତର ହେବେ

ସୋନପୁର ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ଛାତ୍ର ଆଲୋକ ମହଲା ୫୫୭ ନମ୍ବର (୯୨.୮୩)ରଖି ଜିଲା ଟପ୍ପର ହୋଇଛନ୍ତି। ଆଲୋକଙ୍କ ଘର ଜିଲାର ତରଭା ବ୍ଲକ ବନକେଡା ଅଞ୍ଚଳରେ। ସେ ଷଷ୍ଠ ଓ ସପ୍ତମ ସରକାରୀ ହାଇସ୍କୁଲ ମରାଡୁଗୋଛାରେ ପଢିଥିଲେ। ଅଷ୍ଟମ ଶ୍ରେଣୀରୁ ସାହାରା ଟ୍ରଷ୍ଟ ହାଇସ୍କୁଲ ହଷ୍ଟେଲରେ ରହି ପାଠପଢୁଥିଲେ। ସ୍କୁଲ ସମୟ ବ୍ୟତୀତ ସେ ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଯୁକ୍ତ ୨ ବିଜ୍ଞାନ ପଢିବା ସହ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଆଲୋକଙ୍କ ମା’ ଦୌପଦୀ ଜଣେ ଗୃହିଣୀ ଓ ବାପା ଶଙ୍କର ଗାଁରେ ଚାଷ କାମ କରନ୍ତି। ଏହି ସଫଳତାର ଶ୍ରେୟ ସେ ମା’ ବାପା, ଗୁରୁଜନ ଓ ସାହାରା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଓ ସହପାଠୀଙ୍କୁ ଦେଇଛନ୍ତି।

**ସୁବର୍ଣ୍ଣପୁର ଜିଲାରେ ମାଟ୍ରିକ୍ ପରୀକ୍ଷା ଫଳ**

- ପାସ୍‌ହାର ୯୭.୧୧ ପ୍ରତିଶତ

## ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ଜନ୍ମମାଟିରେ ସ୍ୱାଗତ


ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ସ୍ୱାଗତ କରାଯାଉଛି।

**ସୋନପୁର, ୨୬।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ଅନ୍ୟତମ ସୁଯୋଗ୍ୟ ସନ୍ତାନ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ରବିବାର ନିଜ ଜନ୍ମମାଟିରେ ଭବ୍ୟ ସ୍ୱାଗତ ଦିଆଯାଇଛି। କଲିକତା ହାଇକୋର୍ଟର ବିଚାରପତିଭାବେ କାର୍ଯ୍ୟରତ ଥିବା ଜଷ୍ଟିସ ଦାଶ ସୋମବାର ଅବସରଗ୍ରହଣ କରିଛନ୍ତି। ରବିବାର ସନ୍ଧ୍ୟାରେ ସେ ଭୁବନେଶ୍ୱରରୁ ଆସି ସୁବର୍ଣ୍ଣପୁର ସହରରେ ପହଞ୍ଚିଥିଲେ। ନଳିନୀ ଛକଠାରେ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ବାଜା ବଜାଇ ଏକ ଶୋଭାଯାତ୍ରାରେ ତାଙ୍କୁ ଜିଲାର ଇଷ୍ଟଦେବୀ ମା’ ସୁରେଶ୍ୱରୀଙ୍କ ପୀଠକୁ ନିଆଯାଇଥିଲା। ଦାଶ ସୁରେଶ୍ୱରୀଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଜନସାଧାରଣଙ୍କ ଭଲପାଇବା ଦେଖି ସେ ଭାବବିହ୍ୱଳ ହେବା ସହ ସୁରେଶ୍ୱରୀଙ୍କ ପୀଠର ଉନ୍ନତି ଓ ଜିଲାର ବିକାଶ ଦିଗରେ ସେ କାମ ଜାରି ରଖିବେ ବୋଲି କହିଥିଲେ। ଜଷ୍ଟିସ୍ ଚିତ୍ତରଞ୍ଜନ ୨୦୦୯ରେ ଓଡିଶା ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ଓଡ଼ିଶା ହାଇକୋର୍ଟରେ ଦୀର୍ଘ ବର୍ଷ ବିଚାରପତିଭାବେ କାମ କରି ସେ ବେଶ ସୁନାମ ଅର୍ଜନ କରିଥିଲେ। ଜୁନ୍ ୨୦୨୨ରେ ତାଙ୍କୁ କଲିକତା ହାଇକୋର୍ଟର ବିଚାରପତି କରାଯାଇଥିଲା। ଜିଲାର ବିକାଶ, ଝିଙ୍କିଠାରେ ବୃକ୍ଷରୋପଣ, ଜିଲା ନ୍ୟାୟାଳୟର ନୂତନ କୋଠା ନିର୍ମାଣ, ସୁରେଶ୍ୱରୀଙ୍କ ପୀଠର ଉନ୍ନତି, ଶୀତଳ ଷଷ୍ଠୀ ଯାତ୍ରା, ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀ ଯଜ୍ଞ ଆୟୋଜନରେ ଜଷ୍ଟିସ୍ ଦାଶଙ୍କ ବହୁତ ବଡ ଅବଦାନ ରହିଛି। ଚାକିରିରେ ଥିବା ସମୟରେ ଧନୀ, ଗରିବ, ପ୍ରଶାସନିକ ଅଧିକାରୀ ଓ ନିଜ ଅଞ୍ଚଳର ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସହିତ ତାଙ୍କର ସୁ ସମ୍ପର୍କ ଥିଲା। ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ, ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନ, ସୁରେଶ୍ୱରୀ ମନ୍ଦିର ସେବାୟତ ସଂଘ, ପର୍ଶରୀ, ଚଣ୍ଡୀ ଯଜ୍ଞ କମିଟିର କର୍ମକର୍ତ୍ତା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜଷ୍ଟିସ୍‌ଙ୍କୁ ସ୍ୱାଗତ କରା ଯାଇଥିଲା।

## ବୌଦ୍ଧ ଜିଲାରେ ପାସ୍ ହାର ୯୫.୪୯ ପ୍ରତିଶତ


ଶୁଭ୍ରଦୀପ ପ୍ରଧାନ


ପଦ୍ମନାଭ ମେହେର


ପ୍ରେମାନନ୍ଦ ମେହେର


ମନୀଷାରାଣୀ ପୁରୋହିତ

**ବୌଦ୍ଧ, ୨୬।୫( ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ରବିବାର ଦିନ ପ୍ରକାଶ ପାଇଛି । ଚଳିତବର୍ଷ ବୌଦ୍ଧ ଜିଲାରେ ପାସ୍ ହାର ୯୫.୪୯ ପ୍ରତିଶତ ହୋଇଥିବା ବେଳେ ଜିଲାରେ ଏ-୧ରେ ୪ଜଣ ଛାତ୍ରୀଛାତ୍ର ପାସ୍ କରିଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଶୁଭ୍ରଦୀପ ପ୍ରଧାନ ୫୫୪ ମାର୍କ (୯୨.୩୩ ପ୍ରତିଶତ) ରଖି ଜିଲା ଟପ୍ପର ହୋଇଛନ୍ତି । ସେହିପରି ବହିରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ପଦ୍ମନାଭ ମେହେର ୫୫୨ ମାର୍କ (୯୨ ପ୍ରତିଶତ) ରଖି ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରେମାନନ୍ଦ ମେହେର ୫୪୦ ମାର୍କ (୯୦ ପ୍ରତିଶତ) ଓ ବୌଦ୍ଧ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ମନୀଷା ରାଣୀ ପୁରୋହିତ ୫୪୦ ମାର୍କ (୯୦ ପ୍ରତିଶତ ମାର୍କ ) ରଖି ତୃତୀୟ ସ୍ଥାନରେ ରହିଛନ୍ତି । ଜିଲାରେ ଚଳିତବର୍ଷ ୬୫୬୭ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିଲେ । ଜିଲାରେ ୭୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୨୮ଟି ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ହୋଇଥିବା ଜଣାପଡିଛି ।

**ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ**

- ଶୁଭ୍ରଦୀପ ପ୍ରଧାନ ଜିଲା ଟପ୍ପର,
- ଏ-୧ରେ ୪ ଜଣ ଛାତ୍ରୀଛାତ୍ର
- ଜିଲାରେ ୨୮ ଉଚ୍ଚବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ବାସୁଦେବ


@ ଚିନ୍ମୟ


@ ଜୟନ୍ତୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖୁଣ୍ଟୁଲାପାଲି, କୋଟସମଲେଇ ବିଜୟୀ


ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥି।

**ଅମରପାଲି, ୨୬।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇ ଗ୍ରାମର ଖେଳ ପଡ଼ିଆରେ ରବିବାର ୧୪ତମ କୋଟସମଲେଇ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ ହୋଇଛି। ଶିକ୍ଷାବିତ୍ ସୋମନାଥ ପୁରୋହିତ ଓ କ୍ରୀଡ଼ାବିତ ଘୁଣ୍ଟୁ ପୁରୋହିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ମ୍ୟାଚ ବାଘପାଲି ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିଲା। ବାଘପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୭୭ ରନ କରିଥିଲା। ଜବାବରେ ଖୁଣ୍ଟୁଲାପାଲି ଦଳ ୮ ଓଭରରେ ୬ ଉଇକେଟ ହରାଇ ୭୮ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ କୋଟସମଲେଇ ଓ ପାତ୍ରପାଲି ମଧ୍ୟରେ ହୋଇଥିଲା। କୋଟସମଲେଇ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୧୦୯ ରନ କରିଥିଲା। ପାତ୍ରପାଲି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୭୦ ରନ କରି ପରାସ୍ତ ହୋଇଥିଲା। ମ୍ୟାଚ ଗୁଡ଼ିକରେ ବିଶନାଥ ବାରିକ ଓ ନିରାକାର କୁରକୁରିଆ ଅମ୍ପେୟାର, ନେହେରୁ ସେଠୀ ସ୍କୋରିଂ ଏବଂ ଶ୍ୟାମ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।

**କୋଟସମଲେଇ ପ୍ରିମିୟର ଲିଗ କ୍ରିକେଟ ଉଦ୍‌ଘାଟିତ**

